ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ
-ସନ୍ଥ କବୀର ଦାସ

# ବାୟୁସେନାକୁ ମିଳିଲା ପ୍ରଥମ ଆପାଚେ ଗାର୍ଡିଆନ ଆଟାକ୍ ହେଲିକପ୍ଟର

ନୂଆଦିଲ୍ଲୀ,୧୧।୫: ଭାରତୀୟ ବାୟୁସେନାକୁ ପ୍ରଥମ ଆପାଚେ ଗାର୍ଡିଆନ ଆଟାକ୍ ହେଲିକପ୍ଟର ମିଳିଛି। ଏହି ଏଏଚ୍-୬୪ଇ(ଆଇ) ହେଲିକପ୍ଟର ବାୟୁସେନାର ଶକ୍ତିବୃଦ୍ଧି ସହ ପାର୍ବତୀୟ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କୁହାଯାଉଛି। କୋଟି ଡଲାରର ଚୁକ୍ତି ସହ ପ୍ରାୟ ସାଢେ ୩ ବର୍ଷ ପରେ ଆମେରିକା ଏରୋସ୍ପେସ୍ ମେଜର୍ ବୋଇଂ ଭାରତୀୟ ବାୟୁସେନାକୁ ୨୨ଟି ଆପାଚେ ଗାର୍ଡିଆନ ଆଟାକ୍ ହେଲିକପ୍ଟର ହସ୍ତାନ୍ତର କରିଛି। ଭାରତୀୟ ବାୟୁସେନାର ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଏହି ଆପାଚେ ହେଲିକପ୍ଟର ବାୟୁସେନାର ମନୋବଳ ଦୃଢ଼ କରିବ। ଗତ ମେ ୧୦ ତାରିଖରେ ଆମେରିକାର ମେସାସ୍ଥିତ ବୋଇଂ ଉତ୍ପାଦନ କେନ୍ଦ୍ରରେ ଏହା ଭାରତୀୟ ବାୟୁସେନାକୁ ହସ୍ତାନ୍ତର କରାଯାଇଥିବା ଆଇଏଏଫ୍ ମୁଖପାତ୍ର ଗ୍ରୁପ କ୍ୟାପ୍ଟେନ ଅନୁପମ୍ ବାନାର୍ଜୀ କହିଛନ୍ତି। ଚଳିତବର୍ଷ ଜୁଲାଇ ସୁଦ୍ଧା ଏହି ହେଲିକପ୍ଟର ଭାରତକୁ ପ୍ରଥମ ଥର ଲାଗି ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

# ୧୭ରୁ ସାତକୋଶିଆରେ ବ୍ୟାଘ୍ର ଆକଳନ

ଗଣିଆ,୧୧।୫(ଡି.ଏନ.ଏ.): ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ଚଳିତମାସ ୧୭ରୁ ୨୩ତାରିଖ ପର୍ଯ୍ୟନ୍ତ ବ୍ୟାଘ୍ର ଆକଳନ କାର୍ଯ୍ୟ ଚାଲୁ ରହିବ। ଏହି ବନଖଣ୍ଡ ଅଧୀନ ୪ଟି ବନାଞ୍ଚଳର ୩୨ଟି ବିଟ୍ ଅଞ୍ଚଳରେ ବନ ବିଭାଗ କର୍ମଚାରୀମାନେ ଆକଳନ କାର୍ଯ୍ୟରେ ନିୟୋଜିତ ରହିବେ। କର୍ମଚାରୀମାନେ ଟ୍ରାଞ୍ଜିଟ ଲାଇନ୍, ପଗ୍ ଇମ୍ପ୍ରେସନ ପ୍ୟାଡ୍, କ୍ୟାମେରା ଟ୍ରାପ୍, ଏମ୍‌ଷ୍ଟ୍ରାଇପ୍ ଇକୋଲୋଜିକାଲ ଆପ୍ ପଦ୍ଧତିରେ ଆକଳନ କରିବେ। ଏତଦ୍‌ବ୍ୟତୀତ ମଳ, ରାମ୍ପୁଡ଼ା ଦାଗ ଓ ଗର୍ଜନ ଆଦିକୁ ଲକ୍ଷ୍ୟ କରି ଆକଳନ କରାଯିବ ବୋଲି ବନ୍ୟପ୍ରାଣୀ ବିଭାଗ ତରଫରୁ ସୂଚନା ମିଳିଛି। ପ୍ରତିବର୍ଷ ଗ୍ରୀଷ୍ମ ଓ ଶୀତ ଋତୁରେ ବ୍ୟାଘ୍ର ଆକଳନ କାର୍ଯ୍ୟ କରାଯାଇଥାଏ।


## ବ୍ୟାଙ୍କ ଅଫ୍ ଇଣ୍ଡିଆ — Bank of India BOI
ଆଞ୍ଚଳିକ କାର୍ଯ୍ୟାଳୟ: ଭୁବନେଶ୍ୱର ଅଞ୍ଚଳ, ୧/୧ଡି, ଷ୍ଟାର ହାଉସ୍, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

## ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
ସରଫେସି ଆକ୍ଟ ୨୦୦୨ ଅନୁସାରେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ବ୍ୟାଙ୍କ ଏହାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ "ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ (ସରଫେସି) ୨୦୦୨ର ଆଇନର ଧାରା ୧୩(୪) ଅନୁସାରେ କ୍ଷମତା ପ୍ରୟୋଗ କରି ବ୍ୟାଙ୍କର ବକେୟା ଋଣ ଆଦାୟ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ଇ-ନିଲାମ ମାଧ୍ୟମରେ ବିକ୍ରି କରିବା ପାଇଁ ସ୍ଥିର କରିଛନ୍ତି।

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ମୋଟ ବକେୟା ରାଶି + ସୁଧ | ସମ୍ପତ୍ତିଗୁଡ଼ିକର ବିବରଣୀ | ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ରାଶି |
|---|---|---|---|
| ୧. | କଟକ ଶାଖା, ଫୋନ୍:୦୬୭୧-୨୩୧୯୭୯୭ / [illegible] | [illegible] | ଟ. ୧୧୩.୨୮ଲକ୍ଷ ଏବଂ ଟ. ୧୧.୩୩ ଲକ୍ଷ |
| ୨. | କଟକ ଶାଖା, ଫୋନ୍: ୦୬୭୧-୨୩୧୯୭୯୭ / [illegible] | [illegible] | ଟ. ୧୭୫.୨୩ଲକ୍ଷ ଏବଂ ଟ. ୧୭.୫୩ ଲକ୍ଷ |
| ୩. | ଶାସ୍ତ୍ରୀ ନଗର ଶାଖା, ଭୁବନେଶ୍ୱର, ଫୋନ୍:୦୬୭୪-୨୫୦୨୦୨୪ / [illegible] | [illegible] | ଟ. ୪୮.୧୧ ଲକ୍ଷ ଏବଂ ଟ. ୪.୮୨ ଲକ୍ଷ |
| ୪. | ଖାରବେଳ ନଗର ଶାଖା, ଭୁବନେଶ୍ୱର, ଫୋନ୍:୦୬୭୪-୨୩୯୧୮୯୮ / [illegible] | [illegible] | ଟ. ୨୧.୭୬ ଲକ୍ଷ ଏବଂ ଟ. ୨.୧୮ ଲକ୍ଷ |
| ୫. | ଗୋପାଳପୁର ଶାଖା, ଫୋନ୍: ୦୬୮୦-୨୩୪୦୨୩୭ / [illegible] | [illegible] | ଟ. ୩୦.୬୩ଲକ୍ଷ ଏବଂ ଟ. ୩.୦୬ଲକ୍ଷ |
| ୬. | ମହାନଦୀ ବିହାର ଶାଖା, କଟକ, ଫୋନ୍:୦୬୭୧-୨୪୪୩୩୬୦ / [illegible] | [illegible] | ଟ.୨୦୬.୯୪ଲକ୍ଷ ଏବଂ ଟ.୨୦.୭୦ଲକ୍ଷ |
| ୭. | ମହାନଦୀ ବିହାର ଶାଖା, କଟକ, ଫୋନ୍:୦୬୭୧-୨୪୪୩୩୬୦ / [illegible] | [illegible] | ଟ. ୩୯.୦୧ ଲକ୍ଷ ଏବଂ ଟ. ୩.୯୧ ଲକ୍ଷ |
| ୮. | ମହାନଦୀ ବିହାର ଶାଖା, କଟକ, ଫୋନ୍:୦୬୭୧-୨୪୪୩୩୬୦ / [illegible] | [illegible] | ଟ. ୧୯.୪୧ ଲକ୍ଷ ଏବଂ ଟ. ୧.୯୫ ଲକ୍ଷ |
| ୯. | ମହାନଦୀ ବିହାର ଶାଖା, କଟକ, ଫୋନ୍:୦୬୭୧-୨୪୪୩୩୬୦ / [illegible] | [illegible] | ଟ. ୧୪୩.୮୮ଲକ୍ଷ ଏବଂ ଟ. ୧୪.୩୯ ଲକ୍ଷ |
| ୧୦. | ମହାନଦୀ ବିହାର ଶାଖା, କଟକ, ଫୋନ୍: ୦୬୭୧-୨୪୪୩୩୬୦ / [illegible] | [illegible] | ଟ.୧୩୯.୯୮ଲକ୍ଷ ଏବଂ ଟ. ୧୪.୦୦ଲକ୍ଷ; ଟ. ୯୩.୬୧ଲକ୍ଷ ଏବଂ ଟ. ୯.୩୭ଲକ୍ଷ |
| ୧୧. | ମହାନଦୀ ବିହାର ଶାଖା, କଟକ, ଫୋନ୍:୦୬୭୧-୨୪୪୩୩୬୦ / [illegible] | [illegible] | ଟ. ୭୫.୯୩ଲକ୍ଷ ଏବଂ ଟ. ୭.୬୦ଲକ୍ଷ |
| ୧୨. | ଦଶପଲ୍ଲା ଶାଖା, ଫୋନ୍: ୦୬୭୫୭-୨୨୦୫୮୦ / [illegible] | [illegible] | ଟ. ୨୯.୬୮ଲକ୍ଷ ଏବଂ ଟ. ୨.୯୭ଲକ୍ଷ |
| ୧୩. | ପାରାଦୀପ ଶାଖା, ଫୋନ୍: ୦୬୭୨୨-୨୨୩୪୧୪ / [illegible] | [illegible] | ଟ. ୩୭.୪୮ଲକ୍ଷ ଏବଂ ଟ. ୩.୭୫ଲକ୍ଷ |
| ୧୪. | ଏମ୍‌ଜି ଭୁବନେଶ୍ୱର ଶାଖା, ଫୋନ୍: ୦୬୭୪-୨୪୭୬୦୨୦ / [illegible] | [illegible] | ଟ. ୫୬.୧୦ଲକ୍ଷ ଏବଂ ଟ. ୫.୬୧ଲକ୍ଷ |
| ୧୫. | ପଟିଆ ଶାଖା, ଭୁବନେଶ୍ୱର, ଫୋନ୍:୦୬୭୪-୨୭୨୬୮୦୪ / [illegible] | [illegible] | ଟ. ୨୨.୪୨ଲକ୍ଷ ଏବଂ ଟ. ୨.୨୫ଲକ୍ଷ |
| | ଶୈଳଶ୍ରୀ ବିହାର ଶାଖା, ଭୁବନେଶ୍ୱର, ଫୋନ୍:୦୬୭୪-୨୭୪୧୯୯୯ / [illegible] | | |
| ୧୬. | ପଟିଆ ଶାଖା, ଭୁବନେଶ୍ୱର, ଫୋନ୍: ୦୬୭୪-୨୭୨୬୮୦୪ / [illegible] | [illegible] | ଟ. ୨୨.୩୮ଲକ୍ଷ ଏବଂ ଟ. ୨.୨୪ଲକ୍ଷ |
| ୧୭. | ପଟିଆ ଶାଖା, ଭୁବନେଶ୍ୱର, ଫୋନ୍: ୦୬୭୪-୨୭୨୬୮୦୪ / [illegible] | [illegible] | ଟ. ୨୩.୪୦ ଲକ୍ଷ ଏବଂ ଟ. ୨.୩୫ ଲକ୍ଷ |
| ୧୮. | ଶହୀଦ ନଗର ଶାଖା, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୦୨୨୮ / [illegible] | [illegible] | ଟ. ୨୫୭.୩୮ଲକ୍ଷ ଏବଂ ଟ. ୨୫.୭୪ ଲକ୍ଷ; ଟ. ୩୩.୦୩ ଲକ୍ଷ ଏବଂ ଟ. ୩.୩୧ ଲକ୍ଷ; ଟ. ୩୮.୧୯ଲକ୍ଷ ଏବଂ ଟ. ୩.୮୨ ଲକ୍ଷ |
| ୧୯. | କଳ୍ପନା ସ୍କୋୟାର ଶାଖା, ଭୁବନେଶ୍ୱର, ଫୋନ୍: ୦୬୭୪-୨୩୧୦୧୨୩୧ / [illegible] | [illegible] | ଟ. ୪୫.୧୩ଲକ୍ଷ ଏବଂ ଟ. ୪.୫୨ଲକ୍ଷ |
| ୨୦. | ଶୈଳଶ୍ରୀ ବିହାର ଶାଖା, ଭୁବନେଶ୍ୱର, ଫୋନ୍: ୦୬୭୪-୨୭୪୧୯୯୯ / [illegible] | [illegible] | ଟ. ୫୦.୧୩ ଲକ୍ଷ ଏବଂ ଟ. ୫.୦୨ ଲକ୍ଷ |

ଇ-ନିଲାମ ତାରିଖ ଓ ସମୟ: ୨୭.୦୬.୨୦୧୯ ମଧ୍ୟାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୧.୩୦ ଘଟିକା ପ୍ରତ୍ୟେକଙ୍କ ପାଇଁ ୫ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ

ସମ୍ପତ୍ତି ତନଖି ତାରିଖ ଓ ସମୟ: ୧୧.୦୬.୨୦୧୯ ରୁ ୧୩.୦୬.୨୦୧୯ ଅପରାହ୍ନ ୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା, ସମ୍ପତ୍ତି ତନଖି ପାଇଁ ସମ୍ପୃକ୍ତ ଶାଖା ସହ ଯୋଗାଯୋଗ କରନ୍ତୁ

### ନିୟମ ଏବଂ ସର୍ତ୍ତାବଳୀ

(୧) ନିଲାମ ବିକ୍ରୟ "ଅନ୍‌ଲାଇନ୍ ଇ-ନିଲାମ" ଦ୍ୱାରା ହେବ। http://eprocure.gov.in କିମ୍ବା http://ho.tender@bankofindia.co.in କିମ୍ବା https://boi.auctiontiger.net ...

ଇମେଲ୍ ଆଇଡି: orissa@auctiontiger.net

... (EMD) RTGS/NEFT/Fund Transfer ... 55640SUNCR099 ... IFSC Code: BKID0005564 ...

... bhubaneswar.ard@bankofindia.co.in ...



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ

### ମୋବାଇଲ ଦୋକାନରୁ ଚୋରି

**ଧମା, ୧୧।୫ (ଡି.ଏନ.ଏ.)-** ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ବଡଟିକ୍ରା ଛକରେ ଥିବା କମଲେଶ୍ୱରୀ ମୋବାଇଲ ଦୋକାନରୁ ଚୋରି ହୋଇଛି। ଦୋକାନ ମାଲିକ ଅରବିନ୍ଦ ବିଶ୍ୱାଳଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରିଛି। ଏକାଧିକ ମୋବାଇଲ ସହ ୮ ହଜାର ଟଙ୍କା ଚୋରି ହୋଇଯାଇଥିବା ଅଭିଯୋଗ କରାଯାଇଛି।



### ଶାଳଗଣ୍ଡି ସହ ପିକ୍ଅପ୍ ଜବତ

**ରେଙ୍ଗାଲି, ୧୧।୫ (ଡି.ଏନ.ଏ.)-** ସମ୍ବଲପୁର ଜିଲା ରେଙ୍ଗାଲି ବନଖଣ୍ଡ ଅନ୍ତର୍ଗତ ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେ ଲପଙ୍ଗାଠାରେ ବନ ବିଭାଗ ଏକ ପିକଅପ୍‌ରୁ ଲକ୍ଷାଧିକ ଟଙ୍କାର ଶାଳଗଣ୍ଡି ସହ ଗାଡିକୁ ଜବତ କରିଛି । ଶୁକ୍ରବାର ବିଳମ୍ବିତ ରାତିରେ ରେଙ୍ଗାଲି ବନଖଣ୍ଡ ଏବଂ ସ୍ପେଶାଲ ସ୍କ୍ୱାଡ୍ ଆଦିତ୍ୟ ଆଲୁମିନିୟମ ଗେଟ୍ ସମ୍ମୁଖରେ ପାଟ୍ରୋଲିଂ କରୁଥିଲେ । ଏତିକି ବେଳେ ଏକ ପିକଅପ୍ (ଓଡି ୧୭ ଏଚ- ୦୫୭୨)ରୁ ଲକ୍ଷାଧିକ ଟଙ୍କାର ଶାଳଗଣ୍ଡି ଜବତ କରିବା ସହ ଗାଡିକୁ ମଧ ଜବତ କରିଛି। ହେଲେ ଡ୍ରାଇଭର ଗାଡି ଛାଡି ଫେରାର ହୋଇଯାଇଥିଲେ।

### ବେଆଇନ ମଦ କାରବାର ଅଭିଯୋଗରେ ୨ ଗିରଫ

**ରେଢାଖୋଲ,୧୧।୫(ଡି.ଏନ.ଏ.)-** ବେଆଇନ ମଦ କାରବାର କରୁଥିବା ଅଭିଯୋଗରେ ସମ୍ବଲପୁର ଚାରମାଳ ପୋଲିସ ଶନିବାର ଚଢାଉ କରି ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଏହି ଥାନା ଅନ୍ତର୍ଗତ ବ୍ରାହ୍ମଣି ଗ୍ରାମର ଭଗବାନ ଶବର (୪୦) ଓ ଜାତୀୟ ରାଜପଥ କଡରେ ଢାବା କରିଥିବା ଅନିରୁଦ୍ଧ ମହାପାତ୍ର(୫୩) ବୋଲି ଚାରମାଳ ଥାନା ଅଧିକାରୀ ବସନ୍ତ କୁମାର ଦଲାଇ କହିଛନ୍ତି। ଏ ନେଇ ଚାରମାଳ ଥାନାରେ ୨ଟି ପୃଥକ ପୃଥକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।

### ଆତ୍ମହତ୍ୟା ପୂର୍ବରୁ ସ୍ୱାମୀଙ୍କୁ ପଠାଇଲେ ସେଲ୍ଫି

**ସମ୍ବଲପୁର,୧୧।୫(ବ୍ୟୁରୋ)** ସମ୍ବଲପୁର ଜିଲା ଧନୁପାଲି ଥାନା ସାକ୍ଷିପଡାରେ ଭଡାଘରେ ରହୁଥିବା ମମତା ଦେ (୩୫) ନାମ୍ନୀ ଜଣେ ଯୁବତୀଙ୍କ ମୃତଦେହ ପୋଲିସ ଉଦ୍ଧାର କରିଛି । ଶନିବାର ଭୋରରେ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି । ଆତ୍ମହତ୍ୟା ପୂର୍ବରୁ ମମତା ତାଙ୍କ ସ୍ୱାମୀଙ୍କ ସହ ମୋବାଇଲରେ ଚାଟ୍ କରିଥିଲେ । ଏପରିକି ସୁଇସାଇଡ ନୋଟ୍ ସହ ଆତ୍ମହତ୍ୟା ପାଇଁ ସେ ପ୍ରସ୍ତୁତ ହୋଇଥିବା ନେଇ ଏକ ସେଲ୍ଫି ପଠାଇଥିଲେ । ରାତି ପ୍ରାୟ ୧୨ଟାରେ ଏଭଳି ଘଟଣା ଘଟିଥିଲା । ଏହାର ୨ ଘଣ୍ଟା ପରେ ପୋଲିସ ଖବର ପାଇଥିଲା । ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୬/୧୯) ରୁଜୁ ହୋଇଛି। ସୂଚନାଯୋଗ୍ୟ,୧୨ ବର୍ଷ ପୂର୍ବେ ମମତା ପ୍ରେମ ବିବାହ କରିଥିଲେ। ଭିଏସ୍ଏସ୍ ମାର୍ଗରେ ତାଙ୍କର ଏକ ଦୋକାନ ରହିଛି। ତାଙ୍କ ସ୍ୱାମୀ ବମ୍ବେର ଏକ ଜିମ୍‌ରେ ଟ୍ରେନର ଭାବେ କାମ କରୁଛନ୍ତି।

# ରିପୋର୍ଟରେ ସଚଳ, ବାସ୍ତବରେ ଅଚଳ

**ସମ୍ବଲପୁର,୧୧।୫ (ବ୍ୟୁରୋ)**

ଲୋକଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ସହରରେ ଜନସ୍ୱାସ୍ଥ୍ୟ ବିଭାଗ ଓ ଗ୍ରାମାଞ୍ଚଳରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ରହିଛି। ହେଲେ ରିପୋର୍ଟରେ ପ୍ରକଳ୍ପ ଗୁଡିକ ସଚଳ ରହୁଛି। ବାସ୍ତବରେ କିନ୍ତୁ ଅନେକ ସ୍ଥାନରେ ଏହା ଅଚଳ ହୋଇ ପଡି ରହିଛି। ରାସ୍ତା କାମ, ପାଇପ ଫାଟି ଯିବା, ଷ୍ଟାଣ୍ଡପୋଷ୍ଟ ଭାଙ୍ଗିଯିବା, ବିଦ୍ୟୁତ ସମସ୍ୟା ଭଳି ଅନେକ କାରଣରୁ ଜଳ ଯୋଗାଣ ହୋଇ ପାରୁନାହିଁ ।

ଜିଲାର ୯ଟି ବ୍ଲକରେ ୨୧୦ଟି ଜଳ ଯୋଗାଣ ପ୍ରକଳ୍ପ ରହିଛି । ହେଲେ ବିଭିନ୍ନ ସମସ୍ୟା ଯୋଗୁ ୨୮ରୁ ଅଧିକ ପ୍ରକଳ୍ପ ଅଚଳ ରହିଛି । ନୂଆ ପ୍ରକଳ୍ପ ଗୁଡିକ ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ । ବିଭାଗୀୟ ଉଦାସନୀତା ଓ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ବିଳମ୍ବ ହେଉଛି । ୨୦୧୬ରେ ଜିଲାରେ ଯେତେ ପ୍ରକଳ୍ପ ରହିଥିଲା ଏବେ ମଧ ସେତିକି ପ୍ରକଳ୍ପ ରହିଛି। ୨ ବର୍ଷ ମଧରେ ଗୋଟିଏ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇନାହିଁ। ୨୦୧୭-୧୮ ବର୍ଷରେ ଜିଲାରେ ବସୁଧା ଯୋଜନାରେ ୧୬ଟି ପ୍ରକଳ୍ପ ଓ ଆରଆରଡିଏଫ ଯୋଜନାରେ ୧୪ଟି ପ୍ରକଳ୍ପକୁ ମିଶାଇ ମୋଟ ୩୦ଟି ପ୍ରକଳ୍ପ ହାତକୁ ନିଆଯାଇଛି। ଟେଣ୍ଡର ପ୍ରକ୍ରିୟା ପରେ କାମ ଆରମ୍ଭ ହୋଇଛି। ହେଲେ ସମ୍ପୂର୍ଣ୍ଣ ହୋଇ ପାରୁନାହିଁ । ଖରାଦିନ ପୂର୍ବରୁ ଏହି ପ୍ରକଳ୍ପ ଗୁଡିକ ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ରହିଥିଲେ ମଧ କାର୍ଯ୍ୟକାରୀ ହୋଇ ପରିଲା ନାହିଁ ।

ଯୁଯୁମୁରା ବ୍ଲକ ଡଙ୍ଗାପଲ ଗ୍ରାମରେ ଆରଆରଡିଏଫ ଯୋଜନାରେ ପ୍ରାୟ ୨ ବର୍ଷ ହେଲା ଏକ ପ୍ରକଳ୍ପ କାମ ହୋଇଛି। ହେଲେ ଏଥିରୁ ପାଣି ଯୋଗାଇ ଦିଆଯାଉ ନାହିଁ । ପାଣି ଟାଙ୍କି ନିର୍ମାଣ ସରିଛି। ଟ୍ରାନ୍ସଫର୍ମର ବସିଛି। ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ ହୋଇଛି। କେତେକ ସ୍ଥାନରେ ପାଇପ ବିଛା କାମ ମଧ ସରିଛି। ହେଲେ ପାଣି ଯୋଗାଣ ବନ୍ଦ ରହିଛି । ଗ୍ରାମବାସୀ ଅଭିଯୋଗ କଲେ ସମସ୍ୟା ରହିଛି । ତେଣୁ କାର୍ଯ୍ୟକ୍ଷମ ହୋଇ ପାରୁ ନ ଥିବା କର୍ମଚାରୀ ଓ ଠିକାଦାର କହୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଗାଁରେ ପ୍ରାୟ ୧୨୦ ପରିବାର। ଗାଁରେ ୯ ଶହରୁ ଅଧିକ ଜନସଂଖ୍ୟା। ଏଣୁ ଶୀଘ୍ର ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ କରି ପାଣି ଯୋଗାଇ ଦିଆଯିବା ଆବଶ୍ୟକ ଅଛି। ତେବେ ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ପି.କେ. ରାଉତରାୟଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଅନେକ ସ୍ଥାନରେ ସମସ୍ୟା ରହୁଛି । ହେଲେ ଅଭିଯୋଗ ହେଲା ମାତ୍ରେ ମରାମତି କରି ପୁଣି କାର୍ଯ୍ୟକ୍ଷମ କରାଯାଉଛି । ଅସମ୍ପୂର୍ଣ୍ଣ ପ୍ରକଳ୍ପ ଗୁଡିକ ମଧ ସମ୍ପୂର୍ଣ୍ଣ କରାଯାଉଛି। ପ୍ରଥମେ ପରୀକ୍ଷା କରି ବୋର ଖୋଲାଯାଏ । ପାଣି ବାହାରିଲେ ପ୍ରକଳ୍ପ ଆରମ୍ଭ ହୋଇଥାଏ । ତେଣୁ ଡଙ୍ଗାପାଳ ଗ୍ରାମରେ ଅନ୍ୟ କିଛି ସମସ୍ୟା ରହିଥିବ ବୋଲି ସେ କହିଛନ୍ତି।

### ଗ୍ରାମବାସୀଙ୍କ ମୁହଁରୁ ...



ଡଙ୍ଗାପାଳ ଗ୍ରାମରେ ନିର୍ମାଣାଧୀନ ପାଣିଟାଙ୍କି ।

"ବ୍ଲକ ଛକରୁ ମାତ୍ର ୨ ଶହ ମିଟର ଦୂରରେ ଆମ ଗାଁ। ହେଲେ ମୌଳିକ ସୁବିଧା ଭାବେ ପାଣି ଆମ ପାଖରେ ପହଞ୍ଚି ପାରୁନାହିଁ । ଗାଁରେ ମାତ୍ର ୪ଟି ନଳକୂଅ ରହିଛି। ହେଲେ ଆବଶ୍ୟକତା ପୂରଣ ହୋଇପାରୁନାହିଁ । ଗ୍ରାମରେ ଏକ ପ୍ରକଳ୍ପ ନିର୍ମାଣ ହେଲେ ସମସ୍ୟା ଦୂର ହେବ ବୋଲି ଆଶା କରିଥିଲୁ । ହେଲେ ୨ ବର୍ଷ ବିତିଗଲା ସିନା ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ପାରିନାହିଁ ।



- ଗୋଲାପି ସାହୁ

"ପ୍ରକଳ୍ପ ଆରମ୍ଭ ହେବା ଦେଖି ପାଣି ସମସ୍ୟା ଦୂର ହେବ ବୋଲି ଆଶା ରହିଥିଲା । ହେଲେ ସବୁ ପଡାର ଗଳିକୁ ପାଇପ୍ ବିଛା ଯାଇନାହିଁ। ଖରା ଦିନ ହେଲେ ଗାଁ ପୋଖାରୀ ଶୁଖି ଯାଏ । ଗାଁରେ ଥିବା ନଳକୂଅରୁ ପାଣି ବାହାରେନି। ପାଣି ପାଇଁ ବହୁତ ଅସୁବିଧା ହୋଇଥାଏ । ତେଣୁ ସବୁପଡାକୁ ପାଇପ ବିଛାଯାଇ ପାଣି ନିଆଯାଉ।



- ମାଧବୀ ସେଠ

"ଗାଁରେ ନଳକୂଅ ରହିଛି । ହେଲେ ଲାଲ ରଙ୍ଗ ପାଣି ବାହାରୁଛି । ସମସ୍ୟା ଦୂର କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଉ । ନିର୍ମାଣ ହୋଇଥିବା ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯାଉ।



- ପ୍ରେମଲତା ସେଠ

### ରାଜ୍ୟସ୍ତରୀୟ ଭୀମ ଭୋଇ ଜୟନ୍ତୀ ୧୮ରେ

**ରେଢାଖୋଲ,୧୧।୫ (ଡି.ଏନ.ଏ.)**

ରେଢାଖୋଲ କଦମ୍ବପଡିଆସ୍ଥିତ ଭୀମ ଭୋଇ କଳା ମଣ୍ଡପଠାରେ ଆସନ୍ତା ୧୮ ତାରିଖ ସନ୍ଥକବି ଭୀମ ଭୋଇଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହେବ। ଓଡିଶା ସାହିତ୍ୟ ଏକାଡେମି ଓ ପଞ୍ଚଖଣ୍ଡା କଳା ପରିଷଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ରାଜ୍ୟସ୍ତରୀୟ ଜୟନ୍ତୀ ସଭାରେ ଏକାଡେମୀର ସଦସ୍ୟ ଗଣେଶରାମ ନାହାକ, ଅବସରପ୍ରାପ୍ତ ଓଡିଆ ପ୍ରାଧାପକ ଡ. ଶ୍ୟାମସୁନ୍ଦର ଧର, ଅବସରପ୍ରାପ୍ତ ଓଡିଆ ପ୍ରାଧାପିକା ଡ. ସନ୍ତୋଷିନୀ ବାବୁ, ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସୁଦର୍ଶନ ପୂଜାରୀ, ସାହିତ୍ୟ ଏକାଡେମିର ସଦସ୍ୟ ଚନ୍ଦ୍ରଶେଖର ହୋତା, ଉପଜିଲାପାଳ ବିଶିକେସନ ଦେହୁରୀ ପ୍ରମୁଖ ଯୋଗଦେବାର ସ୍ଥିର ହୋଇଛି। ଏଥି ସହିତ ବହୁ ମହିମା ଧର୍ମାବଲମ୍ବୀ ସାଧୁସନ୍ଥ ଯୋଗ ଦେବେ। ତେବେ ବିଶ୍ୱବିଦିତ ସନ୍ଥକବିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ପାଇଁ ଆୟୋଜକ କମିଟି ପଞ୍ଚଖଣ୍ଡା କଳାପରିଷଦ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ମଧ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ବୈଠକରେ ପଞ୍ଚଖଣ୍ଡା କଳାପରିଷଦର ସଭାପତି ମହାବୀର ସିଂ ଦେଓ ସଭାପତିତ୍ୱ କରିଥିଲେ। ଏନଏସି ଉପାଧ୍ୟକ୍ଷ ସୁନୀଲ କୁମାର ପ୍ରଧାନ, ଆଇନଜୀବୀ ଅଚ୍ୟୁତାନନ୍ଦ ପୁରୋହିତ, ସଂହାର କେଶରୀ ଭଞ୍ଜ, ଜୟନ୍ତ ମାହାର, ଅମିତ ଅଗ୍ରୱାଲ, ରମଣୀରଂଜନ ସାହୁ, ରଂଜିତ କୁମାର ଦେହୁରୀ, ଯୋଗଜନ୍ମା ଦାସଶର୍ମା, ସୁଶାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ।

## ଧାନ ସଂଗ୍ରହ ସୁରୁଖୁରୁରେ ସାରିବାକୁ ବୈଠକ

**ପଡିଆବାହାଲ, ୧୧।୫ (ଡି.ଏନ.ଏ.)**

ସମ୍ବଲପୁର ଜିଲାରେ ଧାନ ସଂଗ୍ରହ ପାଇଁ ଶୁକ୍ରବାରଠାରୁ ମାର୍କେଟ ୟାର୍ଡ ଖୋଲିଛି । ଯୁଯୁମୁରା ବ୍ଲକ୍ ବାହାମ ପଞ୍ଚାୟତର ଖଲିଆପାଲି, କୁକୁଡାପାଲି ପଞ୍ଚାୟତ କୁକୁଡାପାଲି, ଘେନୁପାଲି ପଞ୍ଚାୟତର ଜୟନ୍ତପୁର ଓ ସନାତନପାଲିରେ ମାର୍କେଟୟାର୍ଡ ଖୋଲିଛି। ଚାଷୀଙ୍କ ସୁବିଧା ଓ ଧାନ କିଣାବିକାକୁ ସହଜ କରିବା ପାଇଁ ସନାତନପାଲିଠାରେ ଏକ ବୈଠକ ବସିଥିଲା। ସକାଳ ୬ରୁ ୧୦ଟା ମଧରେ ଧାନ କିଣାବିକା ସରିବ। ଏଥି ନିମନ୍ତେ ଚାଷୀମାନେ ସହଯୋଗ କରିବେ। ନିଜର ଭୋଟର ପରିଚୟପତ୍ର, ଆଧାର ପରିଚୟପତ୍ର, ପାସବୁକ ପ୍ରଭୃତି ଆବଶ୍ୟକୀୟ କାଗଜପତ୍ର ସହ ଚାଷୀମାନେ ୟାର୍ଡକୁ ଆସିବେ ବୋଲି କୁହାଯାଇଛି। ଚଳିତ ବର୍ଷ ଧାନ କୁଇଣ୍ଟାଲ ପ୍ରତି ୧୭୫୦ ଟଙ୍କା ଏବଂ ଉନ୍ନତମାନର ଧାନ ପାଇଁ ୧୭୭୦ ଟଙ୍କା ଧାର୍ଯ୍ୟ ହୋଇଥିବା ସଭାରେ ପ୍ରକାଶ ପାଇଥିଲା । ଏହି ଆଲୋଚନା ସଭାରେ ଯୁଯୁମୁରା ତହସିଲଦାର ସୁକାନ୍ତ କୁମାର ନାଥ, ଜୟନ୍ତପୁର ଏସସିଏସର ଚନ୍ଦ୍ରଭାନୁ ମହନ୍ତ, ସୁରଥ ବଗର୍ତ୍ତି, ଚାଷୀ ସତ୍ୟନାରାୟଣ ସାହୁ, ମନବୋଧ ବାରିକ, ସିଇଓ ନବୀନ ପ୍ରଧାନ ପ୍ରମୁଖ ଚାଷୀମାନେ ଉପସ୍ଥିତ ଥିଲେ ।

### ଗାଁକୁ ରୋଗୀଙ୍କ ମୃତଦେହ ନେବାକୁ ପକେଟରୁ ଟଙ୍କା ଦେଲେ ଡାକ୍ତର

**ଚିପିଲିମା,୧୧।୫ (ଡି.ଏନ.ଏ.)**

ବୁର୍ଲା ମେଡିକାଲକୁ ଶନିବାର ଆସିଥିବା ଜଣେ ଗରିବ ରୋଗୀଙ୍କ ପ୍ରତି ଏଠାରେ ଅବସ୍ଥାପିତ ଡାକ୍ତର ଶଙ୍କର ରାମଚନ୍ଦାନୀ (ସିନିୟର ରେସିଡେନ୍ସ) ମାନବିତା ଦେଖାଇଛନ୍ତି। ରୋଗରେ ଆକ୍ରାନ୍ତ ଜଣେ ୯ ମାସର ପ୍ରସୂତି ଏଠାକୁ ଆସିଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଟଙ୍କା ନ ଥିବାରୁ ଗାଁକୁ ମୃତଦେହ ନେବାକୁ ତାଙ୍କ ସ୍ୱାମୀଙ୍କ ପକ୍ଷେ ସମ୍ଭବ ନ ଥିଲା। ଏତିକିବେଳେ ଡାକ୍ତର ରାମଚନ୍ଦାନୀ ୪ ହଜାର ଟଙ୍କା ଦେଇ ମୃତଦେହକୁ ଗାଁକୁ ନେବାର ବନ୍ଦୋବସ୍ତ କରାଇଥିଲେ। ସୂଚନାଯୋଗ୍ୟ, ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ପୁତୁଲାମହୁଲ ଗାଁର ଲୁଚନା ଭୋଇ (୨୬) ଶନିବାର ଭିମ୍ସାରକୁ ଚିକିତ୍ସା ପାଇଁ ଆସିଥିଲେ।

## ମଦନଗୋପାଳ ମନ୍ଦିରରେ ଭଜନସନ୍ଧ୍ୟା

**ସମ୍ବଲପୁର, ୧୧।୫ (ବ୍ୟୁରୋ)**

ସାକ୍ଷୀ ଗୋପିନାଥପଡା ସ୍ଥିତ ମଦନଗୋପାଳ ମନ୍ଦିରରେ ଶନିବାର ରାତିରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି । ବୀରୁପାକ୍ଷ ପ୍ରଧାନଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗୁରୁ ଗୋପାଳ ନାୟକ, ରତନ ପୂଜାରୀ, ଶୁଭେନ୍ଦ୍ର ବାଗ, ଦୀପକ ମିଶ୍ର, ଦେବାଶିଷ ପାଢ଼ୀ ବାଦ୍ୟ ଯନ୍ତ୍ରରେ ସହଯୋଗ କରିଥିଲେ । ଲିପିକା ବିଭାର, ଅଭିପ୍ସା ନାୟକ, ଦିବ୍ୟା ଶତପଥୀ, ଲିପଶିତା ଶତପଥୀ, ଚେତନାମୟୀ ବେହେରା ପ୍ରମୁଖ ଗୀତ ଗାନ କରିଥିଲେ ।



ଶନିବାର ରାତିରେ ସମ୍ବଲପୁର ମଦନଗୋପଳ ମନ୍ଦିର ପରିସରରେ କଳାକାରମାନେ ଭଜନ ପରିବେଷଣ କରୁଛନ୍ତି।

### ହୀରା ଜିଟିଡି ୱାର୍କର୍ସ ୟୁନିୟନର ସଭା

**ସମ୍ବଲପୁର, ୧୧।୫ (ବ୍ୟୁରୋ)**

ହୀରା ଜିଟିଡି ୱାର୍କର୍ସ ୟୁନିୟନ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ବୁର୍ଲାଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘର ଉପସଭାପତି ବୀରେନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଂଘ ସଭ୍ୟ ଚିତ୍ତରଞ୍ଜନ ଦେବତା ଓ ପ୍ରଫୁଲ୍ଲ ଭୋଇଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏ. ଶଙ୍କର, ଗୋବର୍ଦ୍ଧନ ଗଉଡ, ସୁବାସ ପ୍ରଧାନ, ପୁରଣ ଚନ୍ଦ୍ର ଶର୍ମା, ବାଉରିବନ୍ଧୁ ସାହୁ, କେ. ଲଛମନ୍ ରାଓ, ଅନିରୁଦ୍ଧ ସାହୁ, ସୁରେଶ୍ୱର ନନ୍ଦ, ନିରଞ୍ଜନ ସାହୁ, ସନ୍ତୋଷ ପ୍ରଧାନ, ପଦ୍ମନ ସିଂ, ବିହାରୀ ଛତର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।



ବଟେମୁରା ଅରବିନ୍ଦ ସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

## ବଟେମୁରା ଅରବିନ୍ଦ ସ୍କୁଲର ବାର୍ଷିକୋତ୍ସବ

**ଧମା, ୧୧।୫ (ଡି.ଏନ.ଏ.)**

ଧମା ଥାନା ବଟେମୁରା ଅରବିନ୍ଦ ଶିକ୍ଷା ନିକେତନର ୨୫ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଜନ୍ମେଜୟ ବେହେରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବିଡିଓ ଶୁଭଶ୍ରୀ ତ୍ରିପାଠୀ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ମହୁଲପାଲି ହାଇସ୍କୁଲ ପ୍ରଧାନଶିକ୍ଷକ ଅରକ୍ଷିତ ମଳିକ ଯୋଗ ଦେଇଥିଲେ । ବରିଷ୍ଠ ଶିକ୍ଷକ ଅଶ୍ୱିନୀ ପଣ୍ଡା ବିବରଣୀ ପାଠ କରିଥିବାବେଳେ ଗୋପୀରଞ୍ଜନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ନାଟିକା 'ଶିରି ସମଲେଇ' ପରିବେଷିତ ହୋଇଥିଲା। ଏଥିରେ ଦିବ୍ୟାନି ଚୌହାନ, ରାଜୁ ରୋହିଦାଶ, ଅରିକେତ ଛନ୍ଦ, ଆରୋହୀ ଛନ୍ଦ ପ୍ରମୁଖ ୨୫ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । କଙ୍ଗନ ଧରୁଆ, ଦିବ୍ୟାନି ଚୌହାନ, ତନ୍ମୟ ନାଏକ, ରାହୁଲ ଜାଲ, ତେଜ କୁମାର ରୋହିଦାସ ପ୍ରମୁଖ ଛାତ୍ରୀଛାତ୍ର ପୁରସ୍କୃତ ହୋଇଥିଲେ। ଶ୍ରବଣ କୁମାର ନାଥ, ବରିଷ୍ଠ ଶିକ୍ଷୟିତ୍ରୀ ପ୍ରତିଭା ରାଉତ ଓ ଉମା ପଣ୍ଡା ପ୍ରମୁଖ ସହଯୋଗ କରିଥିବା ବେଳେ ପ୍ରଦୀପ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ଯୌତୁକ ସାମଗ୍ରୀ ଜବତବେଳେ ମାରପିଟ

# ଦେଢ଼ଶାଶୁ ଆହତ, ଭଉଣୀଜ୍ୱାଇଁ ଫେରାର

**ସମ୍ବଲପୁର/ବଣାଇଁ, ୧୧।୫ (ବ୍ୟୁରୋ/ସ୍ୱ.ପ୍ର.)**

ସୁନ୍ଦରଗଡ଼ ଜିଲା ବଣାଇଁ ଥାନା ଅନ୍ତର୍ଗତ ନରେନ୍ଦ୍ର ଗ୍ରାମରେ ଶନିବାର ଯୌତୁକ ସାମଗ୍ରୀ ଜବତ ବେଳେ ମାରପିଟ୍ ହୋଇଛି। ଝିଅର ବଡ଼ ଭଉଣୀଙ୍କୁ ଭଉଣୀ ଜ୍ୱାଇଁ ମାରପିଟ୍ କରି ଲହୁ ଲୁହାଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଯୁବତୀ ହେଲେ ସାଗରିକା ସାହୁ। ପୋଲିସ ଉପସ୍ଥିତିରେ ହିଁ ଏଭଳି ଘଟଣା ଘଟିଛି। ହେଲେ ପୋଲିସ ନୀରବଦ୍ରଷ୍ଟା ସାଜିଥିଲା ବୋଲି ସାଗରିକା କହିଛନ୍ତି।

ସାଗରିକା ସମ୍ବଲପୁର ମହିଳା ଥାନାରେ କନଷ୍ଟେବଳ ଭାବେ କାମ କରନ୍ତି। ତାଙ୍କୁ ଆକ୍ରମଣ କରିଥିବା ପୀତାମ୍ବର ସାହୁ ମଧ ଜଣେ ପୋଲିସ କର୍ମଚାରୀ । ସେ ସୁନ୍ଦରଗଡରେ କନଷ୍ଟେବଳ ଭାବେ କାର୍ଯ୍ୟରତ। ସାଗରିକାଙ୍କ ଅଭିଯୋଗକୁ ଆଧାର କରି ବଣାଇଁ ପୋଲିସ ଏକ ମାମଲା (ନଂ. ୫୩/୧୯) ରୁଜୁ କରିଛି । ବଣାଇଁ ଡାକ୍ତରଖାନାରେ ସାଗରିକାଙ୍କୁ ଭର୍ତ୍ତି କରାଯାଇଛି । ପୀତାମ୍ବର ଫେରାର ହୋଇଯାଇଛନ୍ତି । ବଣାଇଁ ଥାନା ପୋଲିସ ପୀତାମ୍ବରଙ୍କୁ ସହଯୋଗ କରୁଥିବା ସାଗରିକା ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ମାର୍ଚ୍ଚ ୬ ତାରିଖରେ ରେଢ଼ାଖୋଲ ଥାନା ଅନ୍ତର୍ଗତ ଗୋଗୁଆ ଗ୍ରାମର ପିକମ୍ବରୀଙ୍କୁ ପୀତାମ୍ବର ବିବାହ କରିଥିଲେ। ହେଲେ ବିବାହ ଦିନଠାରୁ ସ୍ୱାମୀ ସ୍ତ୍ରୀଙ୍କ ମଧରେ ସମ୍ପର୍କ ଭଲ ନ ଥିଲା । ପିକମ୍ବରୀଙ୍କୁ ସ୍ୱାମୀ ପୀତାମ୍ବର ମାରପିଟ କରିବା ସହ ଗାଳିଗୁଲଜ କରୁଥିଲେ । ତେଣୁ ପିକମ୍ବରୀ ବିବାହର ବର୍ଷେ ମଧରେ ଅଧିକାଂଶ ସମୟ ବାପା ଘରେ ରହୁଥିଲେ। ବହୁଥର ଆପୋସ ବୁଝାମଣା ହୋଇଥିଲେ ମଧ ସେମାନଙ୍କ ଦାମ୍ପତ୍ୟ ଜୀବନ ସଫଳ ହୋଇ ନ ଥିଲା । ପିକମ୍ବରୀଙ୍କ ପରିବାର ପକ୍ଷରୁ ସମ୍ବଲପୁର ମହିଳା ଥାନାରେ ଏ ନେଇ ଅଭିଯୋଗ କରାଯାଇଥିଲା। ମହିଳା ଥାନା ପୋଲିସ ମଧ ପୀତାମ୍ବର ଓ ପିକମ୍ବରୀଙ୍କୁ ନେଇ କାଉନସେଲିଂ କରିଥିଲା । ହେଲେ ତାହା ମଧ ସଫଳ ହୋଇ ନ ଥିଲା । ଶେଷରେ ମହିଳା ଥାନାରେ ୪/୧୯ରେ ଏକ ମାମଲା ରୁଜୁ କରାଯାଇଥିଲା । ଶନିବାର ସମ୍ବଲପୁର ମହିଳା ଥାନା ପକ୍ଷରୁ ଏକ ଟିମ୍ କନ୍ୟା ପକ୍ଷର ଲୋକଙ୍କ ସହ ଯୌତୁକ ସାମଗ୍ରୀ ଜବତ କରି ଫେରାଇ ଆଣିବାକୁ ପୀତାମ୍ବରଙ୍କ ଘରକୁ ଯାଇଥିଲେ। ସେଠାରେ ବଣାଇଁ ପୋଲିସ ମଧ ଉପସ୍ଥିତ ଥିଲା। କନ୍ୟା ଘରପକ୍ଷରୁ ପିକମ୍ବରୀଙ୍କ ବଡ ଭଉଣୀ ସାଗରିକା ସେଠାକୁ ଯାଇଥିଲେ। ହେଲେ ସେଠାରେ ଭଉଣୀ ଜ୍ୱାଇଁ ପୀତାମ୍ବର ସାଗରିକାଙ୍କୁ ମାଡ ମାରି ଲହୁ ଲୁହାଣ କରିଥିଲେ। ଏହି ଘଟଣା ପରେ ପୋଲିସ ଯୌତୁକ ସାମଗ୍ରୀ ଜବତ କରିବାକୁ ସାହସ ଜୁଟାଇ ନ ପାରି ଫେରିବାକୁ ବାଧ ହୋଇଥିଲା ।

### ପୋଲିସ ସାଜିଲା ନୀରବଦ୍ରଷ୍ଟା



ଆହତ ସାଗରିକା ସାହୁ ।

## ଫଟୋରେ ଖବର



ସମ୍ବଲପୁରରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ବ୍ୟସ୍ତବହୁଳ କଚେରୀ ଛକ ଖାଁ ଖାଁ ଲାଗୁଛି ।



ସମ୍ବଲପୁରରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ରିଂ-ରୋଡ ଜନଶୂନ୍ୟ ରହିଛି ।



'ଫନୀ' ପ୍ରଭାବିତ ଅଞ୍ଚଳରେ ରିଲିଫ ଦେବାକୁ ସମ୍ବଲପୁର ମାରୱାଡି ଯୁବମଞ୍ଚ ପକ୍ଷରୁ ବାହାରିଥିବା ଟ୍ରକ୍।

## ସଂକ୍ଷେପରେ

### କେନ୍ଦୁପତ୍ର ଫଡି ପୋଡ଼ିଦେଲେ ଦୁର୍ବୃତ୍ତ

**ଦେବଗଡ,୧୧।୫(ସ୍ୱ.ପ୍ର):** ବାରକୋଟ ବ୍ଲକ ବମ୍ବରଡା କେନ୍ଦୁପତ୍ର ରେଞ୍ଜ ଅଧୀନ ବାଇଧରନଗର କେନ୍ଦୁପତ୍ର ଫଡିରେ କେହି ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି । ଶୁକ୍ରବାର ରାତିରେ ଏହି ଘଟଣା ଘଟିଛି । ଫଳରେ ଫଡିରେ ଥିବା ସମସ୍ତ କେନ୍ଦୁପତ୍ର ପୋଡି ପାଉଁଶ ହୋଇଯାଇଛି। ପୋଡିଯାଇଥିବା କେନ୍ଦୁପତ୍ରର ପରିମାଣ ୨୪ହଜାର ୫୩୦କେରି ବୋଲି ବିଭାଗୀୟ ରେଞ୍ଜ ଅଫିସର ମନୋଜ କୁମାର ମହାକୁଳ କହିଛନ୍ତି। ବାଇଧରନଗର ଗ୍ରାମର କେନ୍ଦୁପତ୍ର ତୋଳଳୀମାନେ ବିଭାଗୀୟ ରେଞ୍ଜ ଅଧିକାରୀଙ୍କୁ ଏ ସଂକ୍ରାନ୍ତରେ ଜଣାଇଥିଲେ। ବାରକୋଟ କେନ୍ଦୁପତ୍ର ରେଞ୍ଜ ଅଫିସର ମହାକୁଳ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏନେଇ ଏକ ମାମଲା ରଜୁକରି ତଦନ୍ତ ଚଳାଇଛି ।

# ରାସ୍ତାପାର୍ଶ୍ୱରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ସୋନପୁର/ତରଭା,୧୧।୫ (ନି.ପ୍ର./ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଧୀନ ବ୍ରାହ୍ମଣୀ-ଭୁରାଡ ରାସ୍ତାପାର୍ଶ୍ୱ ଆମ୍ବଗଛମୂଳରୁ ଶନିବାର ଏକ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଉଛନ୍ତି ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଅଇଁଲାପାଲି ଗ୍ରାମର ସୁନା ମନହିରା(୪୬)। ସୁନାଙ୍କ ମୁଣ୍ଡ ପଛପଟେ କ୍ଷତଚିହ୍ନ ରହିଛି। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏହି ଘଟଣାରେ ସୁନାଙ୍କ ସମ୍ପର୍କୀୟ ସଢୁ ତଥା ତରଭା ଥାନା ଲକ୍ଷ୍ମୀମୁଣ୍ଡା ଗ୍ରାମର ବୁଧୁ ବନଛୋର(୪୫) ସମ୍ପୃକ୍ତ ବୋଲି ଥାନାରେ ଲିଖିତ ଅଭିଯୋଗ ହୋଇଛି। ସୁନାଙ୍କ ଭାଇ ଶଙ୍କରଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୬୭/୧୯)ରୁଜୁ କରିଛି। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

### ହତ୍ୟା ସନ୍ଦେହ, ପୋଲିସର ତନାଘନା

ଅଭିଯୁକ୍ତଙ୍କୁ ଗିରଫ ପାଇଁ ତରଭା ପୋଲିସ ୨ଟି ଟିମ୍ ଗଠନ କରି ତନାଘନା ଜାରି ରଖିଛି।

ପୋଲିସର ସୂଚନା ଅନୁଯାୟୀ, ଗୁରୁବାର ସୁନା ଓ ବୁଧୁଙ୍କ ସ୍ଥାନୀୟ ବନ୍ଧପଡା ହାଟରେ ଭେଟ ହୋଇଥିଲା। ଦୁହେଁ ସାଙ୍ଗ ହୋଇ ନର୍ଡା ବ୍ରିଜ୍ ଛକକୁ ଆସିଥିଲେ। ଉଭୟେ ସ୍ଥାନୀୟ ଦୋକାନରୁ ଅଣ୍ଡା ଅମଲେଟ୍ ଖାଇବା ସହ ଚା ପିଇଥିଲେ। ପରେ ଦୁହେଁ ଦେଶୀ ମଦଭାଟି ନିକଟସ୍ଥ ଆମ୍ବଗଛମୂଳକୁ ଯାଇଥିଲେ ବୋଲି ଜଣାପଡିଛି। ମୃତଦେହ ଉଦ୍ଧାର କରାଯାଇଥିବା ଏହି ସ୍ଥାନରୁ ଦେଶୀ ମଦ ପାଉଚ୍ ଖାଲି ଜରି, ବରା ଓ ସିଙ୍ଗଡା ମିଳିଛି। ସୁନା ନିଶାରେ ଥିବା ସମୟରେ ତାଙ୍କ ମୁଣ୍ଡକୁ ପିଟି ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ମୃତକଙ୍କ ଭାଇ ଶଙ୍କରଙ୍କ ଅଭିଯୋଗ ଅନୁଯାୟୀ ୧ ମାସ ପୂର୍ବରୁ ବୁଧୁ ସଢୁ ସୁନାଙ୍କଠାରୁ ୧୦ ଗ୍ରାମ ଓଜନର ସୁନା କାନଫୁଲ ଓ ୪୦ହଜାର ଟଙ୍କା ଧାର ନେଇଥିଲେ। ମାସେ ଭିତରେ ଧାର ପରିଶୋଧ କରିବେ କହି ବୁଧୁ ସମୟ ଗଡାଇ ଚାଲିଥିଲେ। ପୋଲିସ ଏହିସବୁ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି । ସୋନପୁର ଏସ୍‌ଡିପିଓ ମିହିର କୁମାର ପଣ୍ଡା ଓ ତରଭା ଥାନା ଅଧିକାରୀ ଡୋଲାମଣି ଭୋଇ ଶନିବାର ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ବଲାଙ୍ଗୀରରୁ ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତ କରିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତକାରୀ ଅଧିକାରୀ ଡୋଲାମଣି ଭୋଇ ଥାନା ଏସ୍ଆଇ ପୀୟୁଷ ନାୟକ, ଏଏସ୍ଆଇ ଚିତ୍ତରଞ୍ଜନ ମହାନନ୍ଦିଆ, ଅବନୀ ପଧାନ ଓ ତରୁଣ ପଣ୍ଡାଙ୍କୁ ନେଇ ଟିମ୍ ଗଠନ କରିଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ଭୋଇ ଦୃଢୋକ୍ତି ପ୍ରକାଶ କରିଛନ୍ତି।

### ■ ଗୁଳି ଫୁଟି ଶିକାରୀଙ୍କ ମୃତ୍ୟୁ ଘଟଣା

# ବାଲିରେ ପୋତାଯାଇଥିବା ମୃତଦେହ ଉଦ୍ଧାର, ୩ ଗିରଫ

**ନାକଟିଦେଉଳ,୧୧।୫(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ ନୂତନ ମଣ୍ଡୁଆମ ଗ୍ରାମ ନିକଟସ୍ଥ ଖଳାଶୁଣୀ ଅଭୟାରଣ୍ୟା ଉଷାହରା ପାହାଡକୁ ଗୁରୁବାର ରାତିରେ ୪ ଜଣ ବ୍ୟକ୍ତି ଶିକାର କରିବାକୁ ଯାଇଥିଲେ। ହେଲେ ବନ୍ଧୁକରୁ ଗୁଳି ଫୁଟି ଏମାନଙ୍କ ଭିତରୁ ଜଣଙ୍କ ମୃତ୍ୟୁ ଘଟିଥିଲା। ଶନିବାର ନୂତନ ଗଞ୍ଜାବାହାଲ ଗ୍ରାମ ରାଉତସାହିର ବାହାଦୁର ସିଂଙ୍କ ମୃତଦେହକୁ ପୋଲିସ ମାଳିତଇଲା ନିକଟ ନାଳରୁ ବାଲି ଖୋଳି ଉଦ୍ଧାର କରି ବ୍ୟବଚ୍ଛେଦ ଲାଗି ରେଢାଖୋଲ ମେଡିକାଲକୁ ପଠାଇଛି। ଏହି ଘଟଣାରେ ପୋଲିସ ନୂତନ ଗଞ୍ଜାବାହାଲ ଗ୍ରାମର ବିଜୟ ସିଂ, ସନାତନ ସିଂ ଏବଂ ଦୁର୍ଗା ଭଏଁସାଙ୍କୁ ଗିରଫ କରିଛି। କିସିଣ୍ଡା ପୋଲିସ ଏମାନଙ୍କ ବିରୋଧରେ ଦଫା ୩୦୨, ୨୦୧/୩୪ ଆଇପିସି ଏବଂ ୨୫/୨୭ ଆର୍ମସ୍ ଆକ୍ଟରେ ଏକ ହତ୍ୟା ମାମଲା (ନଂ. ୨୭/୧୯) ରୁଜୁ କରିଛି। ରବିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି କିସିଣ୍ଡା ଥାନା ଅଧିକାରୀ ଧର୍ମେନ୍ଦ୍ର କୁମାର ଶାନ୍ତି ପ୍ରକାଶ କରିଛନ୍ତି। ଜଙ୍ଗଲରେ ଜନ୍ତୁ ଶିକାର ପାଇଁ ଏମାନେ ବ୍ୟବହାର କରୁଥିବା ଏକ ଦେଶୀ ବନ୍ଧୁକକୁ ମଧ୍ୟ ପୋଲିସ ଜବତ କରିଛି ।



ଜବତ ବନ୍ଧୁକ।

ଅଭିଯୁକ୍ତମାନେ ସେହି ବନ୍ଧୁକକୁ ପାହାଡରେ ଲୁଚାଇ ରଖିଥିଲେ। ପୋଲିସର ସୂଚନା ଅନୁଯାୟୀ, ଏହି ଶିକାରୀମାନେ ପାହାଡରେ ଏକ ମୟୂରକୁ ଦେଖି ଗୁଳି ମାରିଥିଲେ ସୁଦ୍ଧା ତାହା ମୟୂର ଦେହରେ ବାଜି ନ ଥିଲା । ମୟୂରଟି ସେଠାରୁ କିଛିବାଟ ଚାଲିଯାଇ ଏକ ଗଛ ତଳେ ରହିଯାଇଥିଲା । ଏହାପରେ ବାହାଦୁର ବନ୍ଧୁକର ବନେଟରେ ମୟୂରକୁ ପିଟୁଥିବା ବେଳେ ଗୁଳି ଫୁଟି ତାଙ୍କ ଡାହାଣ ଗୋଡ଼ରେ ପଶି ଯାଇଥିଲା । ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ତାଙ୍କ ସହଯୋଗୀମାନେ ଘରକୁ ଆସି ଏକ ଖଟ ନେଇ ଘଟଣାସ୍ଥଳକୁ ଯାଇଥିଲେ। ଉକ୍ତ ଖଟରେ ବାହାଦୁରଙ୍କ ମୃତଦେହକୁ ଆଣି ନାଳ ବାଲିରେ ପୋତି ଦେଇଥିଲେ। ପୋଲିସ ଏ ସମ୍ପର୍କରେ ଖବର ପାଇ ଶୁକ୍ରବାର ଦିନତମାମ ଖାନତଲାସ କରି ସନ୍ଧ୍ୟାରେ ମୃତଦେହ ଠାବ କରିଥିଲା । ହେଲେ ରାତି ହୋଇଯିବାରୁ ମୃତଦେହକୁ ଉଦ୍ଧାର କରାଯାଇପାରି ନ ଥିଲା।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରିପାରିବେ।
-ମଦନମୋହନ ମାଲବ୍ୟ



## ସଂକ୍ଷେପରେ

### ବିଦ୍ୟୁତ୍, ପାଣି ପାଇଁ ଓହଳବିକଳ

ଗୁଡଭେଲିପଦର,୧୧।୫(ଡି.ଏନ.ଏ) ବୌଦ୍ଧ ଜିଲା ମନମୁଣ୍ଡା ଅଞ୍ଚଳରେ ତାପମାତ୍ରା ୪୫ ଡିଗ୍ରୀ ଉପରେ ରହୁଥିବା ବେଳେ ବାରମ୍ବାର ବିଜୁଳି ବିଭ୍ରାଟ ଲୋକଙ୍କୁ ନାକେଦମ କରିପକାଉଛି । ସେହିପରି ପାଣି ପାଇଁ ଲୋକମାନେ ଓହଳ ବିକଳ ହେଉଛନ୍ତି । ପ୍ରଚଣ୍ଡ ତାତି ଯୋଗୁ ଲୋକମାନେ ସକାଳ ୧୦ଟା ପରେ ବାହାରକୁ ବାହାରି ପାରୁନାହାନ୍ତି। ଏଭଳି ପ୍ରଚଣ୍ଡ ତାତି ସମୟରେ ମନମୁଣ୍ଡା ଅଞ୍ଚଳରେ ଅଘୋଷିତ ବିଦ୍ୟୁତ କାଟ୍ ଲୋକଙ୍କ କଷ୍ଟକୁ ଦୁଇଗୁଣା କରିପକାଉଛି। ବିଦ୍ୟୁତ୍ କାଟ ଯୋଗୁ ଜଳଯୋଗାଣ ହୋଇ ପାରୁନାହିଁ। ତାତି ବଢୁଥିବାରୁ ବଜାର ପ୍ରାୟ ବନ୍ଦ ରହୁଥିବା ବେଳେ ଲୋକମାନେ ଥଣ୍ଡା ପାନୀୟ ପ୍ରତି ଆଗ୍ରହ ଦେଖାଉଛନ୍ତି । ଲୋକମାନେ ହଜାର ହଜାର ସଂଖ୍ୟାରେ ମନମଣ୍ଡା ଡାକ୍ତରଖାନାକୁ ଆସିଥାନ୍ତି । ଏହି ସ୍ଥାନରେ ଥିବା ଏକମାତ୍ର ଥଣ୍ଡା ପାନୀୟ ପ୍ରକଳ୍ପ ବନ୍ଦ ହୋଇପଡିଛି । ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି ।

### ଶିକ୍ଷା ସଚେତନତା ଶିବିର

ବରପାଲି, ୧୧।୫ (ଡି.ଏନ.ଏ) ବରପାଲି ବ୍ଲକ ଅନ୍ତର୍ଗତ ବୁରୋମୁଣ୍ଡା ନୋଡାଲ ସ୍କୁଲ ପରିସରରେ ଶିକ୍ଷା ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଡେପୁଟି ଡାଇରେକ୍ଟର ଅରୁଣବାଳା ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସରପଞ୍ଚ ସୁଜାତା ଭୋଇ ଓ ନମିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମହେନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିଥିଲେ । ମୁଖ୍ୟଅତିଥି ତ୍ରିପାଠୀ ଶିକ୍ଷା କ୍ଷେତ୍ରରେ ଜିଲାରେ ଗୁଣାତ୍ମକ ଅଭିବୃଦ୍ଧି ଘଟୁଛି ବୋଲି କହିବା କରିବା ସହ ମୋ ସ୍କୁଲ ଅନୁଦାନ ସାମଗ୍ରୀକୁ ଉଦ୍‌ଘାଟନ କରିଥିଲେ । ଏହି ଉତ୍ସବରେ କ୍ଲଷ୍ଟର ସ୍ତରୀୟ ସମସ୍ତ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ । ଶେଷରେ ସିଆରସିସି ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ୧୬ ପ୍ରହର ନାମଯଜ୍ଞ ସମ୍ପନ୍ନ

ପାଇକମାଳ,୧୧।୫( ଡି.ଏନ.ଏ) ପାଇକମାଳ ବ୍ଲକର ବିଭିନ୍ନ ସ୍ଥାନରେ ନାମଯଜ୍ଞ ଅନଷ୍ଠିତ ହୋଇଯାଇଛି । ବୈଦପାଲି ଗ୍ରାମ ପରିସରରେ ୧୬ ପ୍ରହର ନାମଯଜ୍ଞ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା । ଚିତ୍ତରଞ୍ଜନ ପ୍ରଧାନ ଓ ତାଙ୍କ ସ୍ତ୍ରୀ ଝରଣା ପ୍ରଧାନ ଯଜ୍ଞ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସେହିପରି ଭେଙ୍ଗରାଜପୁର ବନମାଳ ଗ୍ରାମରେ ୧୬ ପ୍ରହର ନାମଯଜ୍ଞ ସମ୍ପନ୍ନ ହୋଇଛି । ନିରଞ୍ଜନ ସାହୁ ଓ ଲଳିତା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ପଣ୍ଡିତ ପୃଥ୍ୱୀରାଜ ଯୋଶୀ ପୂଜା କରିଥିଲେ । ପଥର୍ଲା, ଫଟାମୁଣ୍ଡ, ଚାଙ୍ଗିରିଆ, ସୋଢା, ସମ୍ବଲପୁରୀ ଦଳ ନାମଜପ କରିଥିଲେ । ଶଙ୍କର ସେଠ, ଫଗୁଲାଲ ସାହୁ, ଅର୍ଜୁନ ସାହୁ, ତୁଳସୀରାମ ପ୍ରମୁଖ ସହଯୋଗ କରିଥିଲେ ।

# ଝିଅର ସଫଳତା ଦେଇଛି ଖୁସି

ଆଜି ମଦର୍ସ ଡେ

ବରଗଡ଼ ଅଫିସ୍,୧୧।୫

ଝିଅ ହେଉ କି ପୁଅ, ଉଭୟେ ସମାନ। ଝିଅ ପାଇ ମୁଁ ବହୁତ ଖୁସି। ଯାହାକି ପୁଅଠାରୁ ପାଇଥାନ୍ତି ବୋଲି ଭାବି ପାରୁନାହିଁ। ଝିଅକୁ ନେଇ ବହୁତ ଗର୍ବ କରେ। ଆଶା ଅଛି, ଭବିଷ୍ୟତରେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ। ବରଗଡ଼ ସହର ୱାର୍ଡ଼ ନଂ-୧୦ ରାଣୀବନ୍ଧ ପଡ଼ା ନିବାସୀ ନମିତା ଆଚାର୍ଯ୍ୟ ଏହା କହିଛନ୍ତି । ସେ ଆହୁରି କହିଥିଲେ, ମୁଁ ପୁସ୍ତକରେ ପଢ଼ିଥିଲି, ତୁଳସୀ ଦୁଇପତ୍ରରୁ ବାସେ। ଝିଅକୁ ଦେଖି ଏବେ ମୁଁ ତାହା ଅନୁଭବ କରୁଛି। ମହାକାଶ ବୈଜ୍ଞାନିକ ହେବା ପାଇଁ ଝିଅ ଲକ୍ଷ୍ୟ ରଖିଛି । ଝିଅ ଭାରତର ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ପରିଦର୍ଶନରେ ଯିବା ପାଇଁ ସୁଯୋଗ ପାଇଛି। ଏହା ଲକ୍ଷ୍ୟପଥରେ ପହଞ୍ଚାଇବାରେ ନିଶ୍ଚୟ ସହାୟକ ହେବ। ଝିଅର ଏହି ଲକ୍ଷ୍ୟ ପୂରଣ ହେଉ, ଏହା ମା' ସମଲେଶ୍ୱରୀଙ୍କଠାରେ କାମନା କରୁଛି। ଆଉ ଝିଅ ନିଜ ଲକ୍ଷ୍ୟପଥରେ ପହଞ୍ଚିଲେ କେବଳ ପରିବାର ନୁହେଁ,



ମା' ନମିତାଙ୍କ ସହିତ ନବ୍ୟା ।

ସାରା ଜଗତ ପାଇଁ ଝିଅର କିଛି ଅବଦାନ ରହିବ, ଏହି ଆଶା ରଖିଛି ।

ନମିତା ଆଚାର୍ଯ୍ୟ ଓ ପ୍ରକାଶ ଆଚାର୍ଯ୍ୟଙ୍କ ଏକମାତ୍ର ଝିଅ ନବ୍ୟା। ପୂରାନାମ ନବ୍ୟା ନବେଲୀ ଆଚାର୍ଯ୍ୟ। ସ୍ଥାନୀୟ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ଛାତ୍ରୀ ନବ୍ୟା ଚଳିତବର୍ଷ ଦଶମ ଶ୍ରେଣୀ ପରୀକ୍ଷା ଦେଇଛନ୍ତି । ପିଲାବେଳୁ ବିଭିନ୍ନ କ୍ଷେତ୍ରରେ ନିଜ ପ୍ରତିଭା ପ୍ରତିପାଦିତ କରି ଆସିଥିବା ନବ୍ୟା ଆସନ୍ତା ଜୁନ୍ ୩ ତାରିଖରେ ଭାରତର ମହାକାଶ ଗବେଷଣା ସଂସ୍ଥା ଇସ୍ରୋ ପରିଦର୍ଶନରେ ଯିବା ପାଇଁ ସୁଯୋଗ ପାଇଛନ୍ତି । ଗତ ଡିସେମ୍ବର ମାସରେ ହୋଇଥିବା ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତାରେ ନିଜ ଦକ୍ଷତା ପ୍ରତିପାଦନ କରି ଓଡ଼ିଶାର ଶ୍ରେଷ୍ଠ ୨୦ଜଣଙ୍କ ମଧ୍ୟରେ ରହିବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି ନବ୍ୟା ।

ବରଗଡ଼ ଜର୍ଜ ହାଇସ୍କୁଲର ପ୍ରାକ୍ତନ ଶିକ୍ଷକ ସ୍ୱର୍ଗତ ପଞ୍ଚାନନ ଆଚାର୍ଯ୍ୟଙ୍କ ନାତୁଣୀ ନବ୍ୟା ଏଭଳି ସଫଳତାରେ ମା' ନମିତାଙ୍କୁ ଶ୍ରେୟ ଦେଇଛନ୍ତି ନବ୍ୟା। ସେହିପରି ବାପାଙ୍କ ସ୍ନେହ, ଶ୍ରଦ୍ଧା ତାଙ୍କୁ ସବୁବେଳେ ଉତ୍ସାହିତ କରେ ବୋଲି କହିଛନ୍ତି। ପ୍ରକାଶ କହିଛନ୍ତି, ଗୋଟିଏ ଝିଅରେ ମୁଁ ଯେତେ ଖୁସି, ହୁଏତ ତାଠାରୁ ଅଧିକ ମୋତେ ଯଦି ଭଗବାନ ଦେଇଥାନ୍ତେ, ଏ ଖୁସି ଏବେ ମୁଁ ପାଇ ନ ଥାନ୍ତି। ଝିଅର ଭବିଷ୍ୟତ ସବୁବେଳେ ଏଭଳି ଉଜ୍ଜ୍ୱଳ ଥାଉ ଏବଂ ସର୍ବଦା ସେ ଖୁସିରେ ରହୁ, ଭଗବାନଙ୍କଠାରେ ଏହା ହିଁ ମୋର ପ୍ରାର୍ଥନା ।

-ଉପସ୍ଥାପନା: **ପ୍ରେମାନନ୍ଦ ଖମାରୀ**



ଅତାବିରା ଅଞ୍ଚଳରେ ବେଆଇନ ଭାବେ ବାଲି ଉତ୍ତୋଳନ କରାଯାଉଛି ।

# ଅବାଧରେ ଚାଲିଛି ବାଲି ଚୋରା ଚାଲାଣ

ଅତାବିରା, ୧୧।୫ (ଡି.ଏନ.ଏ)

ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଝାଉଁଯୋର, ଜୀରା, ମହାନଦୀର ବାଲି ପଠାରୁ ବେଆଇନ ଭାବେ ପ୍ରତିଦିନ ବାଲିଚାଲାଣ କରାଯାଉଛି । ୫୩ ନମ୍ବର ରାଜ୍ୟ ରାଜପଥ ଦେଇ ଗୋଶାଳା, ଚିପିଲିମା, ବୁର୍ଲା, ସମ୍ବଲପୁର ଅଞ୍ଚଳକୁ ବାଲି ଚୋରାଚାଲାଣ ହେଉଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏହି ରାଜପଥ ପାର୍ଶ୍ୱରେ ଗୁଷୁଡା, ଗର୍ଭଣା, କାଦୋବାହାଲ, ଟାମ୍ପରସରା, ଲରମ୍ଭା, ଦୁଲମପୁର ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ଙ୍କ ଅଫିସ ରହିଛି । ଆର୍‌ଆଇ ଅଫିସ ସାମନା ଦେଇ ପ୍ରତିଦିନ ଶତାଧିକ ହାଇୱା, ଟ୍ରାକ୍ଟର ବାଲି ନେଉଛନ୍ତି । ଏଥିଯୋଗୁ ଲକ୍ଷାଧିକ ଟଙ୍କା ରାଜସ୍ୱ ହାନି ହେଉଛି । ଏ ନେଇ ଅତାବିରା ତହସିଲଦାର ହୃଦାନନ୍ଦ ଅଡା ଓ ଭେଡେନ ତହସିଲଦାର ଜେ. କୁଲୁଙ୍କୁ ପଚରାଯିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ ।

■ ଭଟଲି ଧାନମଣ୍ଡି ଖୋଲିଲା

# ପ୍ରଥମ ଦିନରେ ୧୨୦୦ ବସ୍ତା ସଂଗ୍ରହ

ଭଟଲି,୧୧।୫(ଡି.ଏନ.ଏ)

ବରଗଡ଼ ଜିଲା ଭଟଲି ସାପ୍ତାହିକ ବଜାର ପ୍ରାଙ୍ଗଣରେ ରବିବାରରୁ ଧାନ ସଂଗ୍ରହ ପାଇଁ ଶନିବାର ମଣ୍ଡି ଖୋଲିଛି। ଏଥିରେ ବରଗଡ଼ ଆର୍‌ସିଏମ୍‌ଏସ୍ ସଭାପତି ହେମନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅଣଜଳସେଚିତ ଭଟଲି ଅଞ୍ଚଳରେ ଚାଷୀମାନେ ଗଭୀର ନଳକୂପ ସାହାଯ୍ୟରେ ଚାଷ କରି ଅମଳ କରିଥିବା ଧାନକୁ ପ୍ୟାକ୍ସ ତରଫରୁ ଆନୁଷ୍ଠାନିକ ଭାବେ ସଂଗ୍ରହ କରାଯାଇଥିଲା । ଭଟଲି ମଣ୍ଡିରେ ୭୦୦ ପ୍ୟାକେଟ ଧାନ ସଂଗ୍ରହ କରାଯାଇଥିବାବେଳେ କେଲେଣ୍ଡାପାଲି ମଣ୍ଡିରେ ୫୦୦ ପ୍ୟାକେଟ ଧାନ ସଂଗୃହୀତ ହୋଇଛି। ଆଗାମୀ ଦିନରେ ଆହୁରି ଧାନ ସଂଗ୍ରହ କରାଯିବ ବୋଲି ମଣ୍ଡି ତରଫରୁ କୁହାଯାଇଛି ।



ମୁଖ୍ୟଅତିଥି ନଡ଼ିଆ ବାଡ଼େଇ ଧାନମଣ୍ଡି ଉଦ୍‌ଘାଟନ କରୁଛନ୍ତି ।

## ଶିଶୁମନ୍ଦିର ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବରପାଲି,୧୧।୫ (ଡି.ଏନ.ଏ)

ଶିକ୍ଷାବିକାଶ ସମିତି ଓଡିଶା ପଶ୍ଚିମ ସମ୍ଭାଗ ଦ୍ୱାରା ଆୟୋଜିତ ୧୦ ଦିନିଆ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ବରଗଡ଼ ଜିଲା ବରପାଲି ଶିଶୁମନ୍ଦିର ପରିସରରେ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅଖିଳ ଭାରତୀୟ ସହ ସଙ୍ଗଠକ ଗୋବିନ୍ଦ ଚନ୍ଦ୍ର ମହନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ନିରଞ୍ଜନ ହୋତା ସ୍ୱାଗତ ଭାଷଣ ଓ ସଂଯୋଜକ ସଞ୍ଜୟ ମିଶ୍ର ବିବରଣୀ ପାଠ କରିଥିଲେ। ଏଥିରେ ସମ୍ବଲପୁର ନିରୀକ୍ଷକ ପ୍ରଦୀପ ମିଶ୍ର, ରାଉରକେଲା ନିରୀକ୍ଷକ ଯୋଗେନ୍ଦ୍ର ନାଥ ମହନ୍ତ, ବରଗଡ ନିରୀକ୍ଷକ ଜୟକିଶୋର ପଣ୍ଡା, ପ୍ରାନ୍ତ ସଂଯୋଜକ ପ୍ରସନ୍ନ ବିଶ୍ୱାଳ ଓ ବଳରାମ ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଶିବିରରେ ବରପାଲି ଡାକ୍ତରଖାନା ମୁଖ୍ୟଚିକିତ୍ସା ଅଧିକାରୀ ନିମାଇଁ ସାହୁ, ଥାନା ଅଧିକାରୀ ରୋଜାଲିନ ପଟେଲ, ରେଳବାଇ ମ୍ୟାନେଜର ଭକ୍ତହରି ମହାପାତ୍ର, ପୂର୍ବ ପରିଚାଳନା କମିଟି ଉପସଭାପତି ଭୋଜରାଜ ଦୀପ ଓ କୋଷାଧ୍ୟକ୍ଷ ଦୀନବନ୍ଧୁ ପଧାନ ପ୍ରମୁଖ ବିଭିନ୍ନ ଦିବସରେ ଅତିଥି ଭାବେ ଯୋଗଦାନ କରିଥିଲେ । ଶିବିରରେ ୧୫୨ ଶିକ୍ଷୟିତ୍ରୀ ଓ ୪୮ ଶିକ୍ଷକ ପ୍ରଶିକ୍ଷଣ ନେଇଥିଲେ ।

■ ଭଟଲି ଚନ୍ଦନଯାତ୍ରା ଉଦ୍‌ଯାପିତ

# ହଂସକ, ଡିମ୍ଭକଙ୍କ ମୃତ୍ୟୁ ପରେ ମଥୁରାରେ ଶାନ୍ତି ଫେରିଲା

ଭଟଲି,୧୧।୫(ଡି.ଏନ.ଏ)

ବରଗଡ଼ ଜିଲା ଭଟଲିଠାରେ ଚାଲିଥିବା ଚନ୍ଦନ ଯାତ୍ରା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହାସହିତ ଯମୁନା ନଦୀ ରୂପକ ଚକ୍ର ପୁଷ୍କରିଣୀରେ ମହାପ୍ରଭୁ ଶ୍ରୀ ଶ୍ରୀ ଦଧିବାମନଙ୍କ ଚାପ ଖେଳ ମଧ ଶେଷ ହୋଇଛି । ଏହି ଅବସରରେ ମଥୁରାରେ ଚାଲିଥିବା ଉଗ୍ରସେନଙ୍କ ଚନ୍ଦନଯାତ୍ରାରେ ହଂସକ ଓ ଡିମ୍ଭକଙ୍କ ମୃତ୍ୟୁ ପରେ ମଞ୍ଚନାଟକର ଯବନିକା ପଡ଼ିଛି। ଉଦ୍‌ଯାପନୀ ସନ୍ଧ୍ୟାରେ ନାଟ୍ୟାଭିନୟରେ କୃଷ୍ଣ ଓ ବଳରାମ କିଭଳି ହଂସକ ଓ ଡିମ୍ଭକଙ୍କୁ ହତ୍ୟା କରି ମଥୁରାରେ ଶାନ୍ତି ପ୍ରତିଷ୍ଠା କରିବେ ସେହି ଚିନ୍ତାରେ ନିମଗ୍ନ ରହିଥିଲେ। ମହାରାଜା ଉଗ୍ରସେନଙ୍କ ପରାମର୍ଶ କ୍ରମେ ଯମୁନାକୁ ନୌକାବିହାର ପାଇଁ ଯିବା ପୂର୍ବରୁ ରାଣୀ ଇନ୍ଦୁମତି ପୁଣି ଥରେ କୃଷ୍ଣଙ୍କୁ କୌଣସି ପ୍ରକାର ଅସ୍ତ୍ରଶସ୍ତ୍ର ବ୍ୟବହାର ନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ବିଚଳିତ ହୋଇପଡ଼ି କୃଷ୍ଣ ଶେଷକୁ ପ୍ରଭୁ ପ୍ରଭଞ୍ଜନଙ୍କୁ ସ୍ମରଣ କରିଥିଲେ। ପ୍ରଭଞ୍ଜନ ପ୍ରକଟ ହେବା ପରେ କୃଷ୍ଣ ନୌକାବିହାର ସମୟରେ ପ୍ରବଳ ଝଡ଼ ତୋଫାନ କରାଇବାକୁ ଅନୁରୋଧ କରିଥିଲେ। ଏଥିରେ ପ୍ରଭୁ ପ୍ରଭଞ୍ଜନ ରାଜି ହେବା ସହିତ କୃଷ୍ଣ ବଳରାମ ହଂସକ ଓ ଡିମ୍ଭକଙ୍କ ସହିତ ନୌକାବିହାରରେ ବାହାରି ପଡ଼ିଥିଲେ। ଯମୁନା ଗର୍ଭକୁ ଯାଇ ସମସ୍ତେ ଖୁସିରେ ନୌକାବିହାର କରିଥିଲେ। ଏହି ସମୟରେ ପୂର୍ବ ଯୋଜନା ମୁତାବକ ଝଡ଼ବାତ୍ୟା ଦେଖି ବିଚଳିତ ହୋଇପଡ଼ିଥିଲେ ହଂସକ ଓ ଡିମ୍ଭକ। ସେପଟେ ରାଜଦରବାରରେ ନାତି ମାନଙ୍କ ଫେରିବା ବାଟକୁ ଚାହିଁ ରହିଥିଲେ ରାଜା ଉଗ୍ରସେନ, ରାଣୀ ଇନ୍ଦୁମତି ଓ ମହାମନ୍ତ୍ରୀ ଅକ୍ରୁର। ପରେ ହଂସକ ଓ ଡିମ୍ଭକଙ୍କ ଅତଳ ଯମୁନା ଗର୍ଭରେ ପଡ଼ି ମୃତ୍ୟୁ ହୋଇଥିବା ଖବର ପାଇ ସମସ୍ତେ ରାଜଦରବାରରେ ବିଚଳିତ ହୋଇ ପଡ଼ିଥିଲେ। ନଟଖଟିଆ କୃଷ୍ଣଙ୍କ ଅବିଚଳିତ ବୁଦ୍ଧିକୁ ସମଗ୍ର ମଥୁରାବାସୀ ପ୍ରଶଂସା କରିଥିଲେ। ହଂସକ ଓ ଡିମ୍ଭକଙ୍କ ମୃତ୍ୟୁ ପରେ ମଥୁରାରେ ଅରାଜକତା, ଅତ୍ୟାଚାର, ଲୁଣ୍ଠନ ସମାପ୍ତ ହେବା ସହ ଚନ୍ଦନଯାତ୍ରାର ପରିସମାପ୍ତି ଘଟିଥିଲା। ଏହି ଅବସରରେ ରାଜଦରବାରରେ ସମସ୍ତ କଳାକାରଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା ।



ମହାପ୍ରଭୁ ଦଧିବାମନ ଭଟଲିର ଚକ୍ର ପୁଷ୍କରିଣୀରେ ଚାପ ଖେଳୁଛନ୍ତି ।

# ସରକାରୀ ଯୋଜନାରୁ ବଁଚିତ୍ ଭିନ୍ନକ୍ଷମ ଦମ୍ପତି

କନ୍ଧମାଳ,୧୧।୫ (ଡି.ଏନ.ଏ)

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ପଲଶାଗୋରା ପଁଚେତ୍ ପରା ଗାଁର ଦିବ୍ୟାଙ୍ଗ ଦମ୍ପତି ବୁଲୁ ବାଘ ଆର ତାକର ମାଏକିନା ସବିତା ବାଘ। ଭତାକେ ଛାଡ଼ି ବାକି ସବୁ ପରକାର ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ଇ ଦିବ୍ୟାଙ୍ଗ ଦମ୍ପତି। ହେଲେ ବି ଦିବ୍ୟାଙ୍ଗ ଦମ୍ପତିକଁର ସରକାର ଉପରୁ ଭରସା ନାଇଁ ତୁଟି। ମୁଡ଼ଫଟା ଖରା ତାତିରେ ଦୁଇ ଦମ୍ପତି ଗୁଟେ ତିନ୍‌ଚକିଆ ସାଇକେଲରେ ୧୫ କି.ମି. ବ୍ଲକ ଅଫିସକେ ଯାଉଛନ୍ ଆର ସରକାରୀ ବାବୁମାନକୁ ଗୁହାରି କରି ଫିରୁଛନ୍। ହେଲେ ସରକାରକଁର ଅନେକ ଯୋଜନାରୁ ଇ ଦିବ୍ୟାଙ୍ଗ ଦମ୍ପତି ବଁଚିତ୍ ହେଇ ରହିଛନ୍।

ପିଲାବେଳେ ପୋଲିଓ ରୋଗ୍ ପରଭାବରେ ବୁଲୁର ଭୁଜନି ଗୋଡ଼ ଛୋଟ ହେଇଯାଇଛେ। ଝନେ ସାଧାରନ ଲୋକ୍ ଲେଖେଁ ସେ ଚାଲବୁଲ ନାଇଁ କରିପାରନ। ତାକର ମାଏକିନା ସବିତାର ଅବସ୍ତା ବି ଠିକ୍ ସେନ୍ତା। ଆଠ ବଛର ତଲେ ଦୁହେ ଦୁହିକୁଁ ଆଦ୍‌ରି ନେଇଥିଲେ। ଏହେଦେ ଇମାନକର ୨ଟା ଛୁଆ ଅଛନ୍। କୁଟୁମବସିଆ ଗୁଟେ ଝାଟିମାଟି କୁରିଆରେ ଜୀବନ ବିତଉଛନ୍। ଆଏଜ୍‌ତକ୍ ଇମାନେ ସରକାରୀ ଯୋଜନାରେ ଘରଖଁଡ଼େ ପାଏବାରୁ ବଁଚିତ୍ ହେଇ ରହିଛନ୍। ସେନ୍‌ତା ଖାଏଦ୍ ସୁରକ୍ଷା ଯୋଜନାରେ ଇ ଦିବ୍ୟାଙ୍ଗ ଗରିବ୍ ଦମ୍ପତି କାର୍ଡ ଖଁଡ଼େ ନାଇଁ ପାଇପାରି। ଇ ବାବ୍‌ଦେ ସବିତାକୁଁ ପଚରାଲାରୁ କାଣା କରମୁ ଆଗିଆଁ, ଆମର କରମ ଫଟା। ଘର ନାଇଁ କି ଚଉଲ କାର୍ଡ ନାଇଁ। ଯେନ୍ ଭତା ୧୫ଶହ ପାଉଛୁଁ ସେଥିରେ ଦୁଖେସୁଖେ ଚଲିଯାଉଛୁଁ। ଘଟନା ବାବ୍‌ଦେ ମତାମତ ଲାଗି କନ୍ଧମାଳ ବ୍ଲକ ଯୋଗାଣ ଅଧିକାରୀକଁର ମୋବାଇଲ ନଂ.୯୯୩୭୬୪୭୩୮୪ରେ ଯୋଗାଯୋଗ ସମ୍ଭବ ନାଇଁ ହେଇପାରି।



ମୁଡ଼ଫଟା ଖରାରେ ଦିବ୍ୟାଙ୍ଗ ଦମ୍ପତି ବ୍ଲକ ଅଫିସ୍‌କେ ଯାଉଛନ୍ ।

# ମଣ୍ଡିରୁ ଉଠୁନି, ମିଲକୁ ଯାଉଛି ଧାନ



ଅତାବିରା ମଣ୍ଡିରେ ବିକ୍ରି ଅପେକ୍ଷାରେ ରହିଥିବା ଧାନ ।

ବରଗଡ଼ ଅଫିସ୍,୧୧।୫

**ବରଗଡ଼ ଜିଲା**

- ସମ୍ବଲପୁରରେ ଧାନ ଉଠୁଛି, ବରଗଡ଼ରେ ନାହିଁ
- ବିଭିନ୍ନ ଆଳ ଦେଖାଇ ଧାନ ଉଠାଣରେ ବିଳମ୍ବ
- ଫାଇଦା ଉଠାଉଛନ୍ତି ବେପାରୀ, ଚାଷୀ ଶୋଷିତ

ବରଗଡ଼ ଜିଲାରେ ରବିବାରରୁ ଧାନ ସଂଗ୍ରହ ପ୍ରକ୍ରିୟାକୁ ନେଇ ଅଚଳାବସ୍ଥା ଜାରି ରହିଛି। ଶୁକ୍ରବାର ଭଳି ଶନିବାର ମଧ୍ୟ ଜିଲାର କୌଣସି ମଣ୍ଡିରୁ ପ୍ୟାକେଟ୍‌ଟିଏ ଧାନ ବିକ୍ରି ହୋଇନାହିଁ । ମଣ୍ଡି ଗୁଡ଼ିକରେ ବିକ୍ରି ଅପେକ୍ଷାରେ ଲକ୍ଷାଧିକ ପ୍ୟାକେଟ୍ ଧାନ ପଡ଼ି ରହିଛି । ଅତାବିରା ଆର୍‌ଏମ୍‌ସି ଅଧୀନ ମଣ୍ଡି ଗୁଡ଼ିକରେ ୧ଲକ୍ଷରୁ ଅଧିକ ଏବଂ ବରଗଡ଼ ଆରଏମସି ଅଧୀନ ମଣ୍ଡି ଗୁଡ଼ିକରେ ୬୪୧୭ ପ୍ୟାକେଟ୍ ଧାନ ବିକ୍ରି ନ ହୋଇ ପଡ଼ି ରହିଛି । ଅନ୍ୟପଟେ ଧାନ ଉଠାଣରେ ଏଭଳି ବିଳମ୍ବର ଫାଇଦା ଅସାଧୁ ବେପାରୀମାନେ ଉଠାଉଛନ୍ତି। ମଣ୍ଡିରେ ଆଦୌ ଧାନ କିଣାହୋଇ ନ ଥିବାବେଳେ କେତେକ ରାଇସ ମିଲରେ ବହୁ ପରିମାଣର ଧାନ ଗଚ୍ଛିତ ରହିଥିବା ଅଭିଯୋଗ ହୋଇଛି। ସେସବୁ ଧାନକୁ ବେପାରୀମାନେ ସରକାରୀ ସହାୟକ ମୂଲ୍ୟଠାରୁ ବହୁ କମ୍ ଦର (ଅଣ୍ଡରରେଟ୍)ରେ କିଣିଥିବା ଚାଷୀମାନେ କହୁଛନ୍ତି । ଅପରପକ୍ଷେ ପଡ଼ୋଶୀ ସମ୍ବଲପୁର ଜିଲାରେ ଧାନ କିଣାବିକା ଚାଲିଛି ।

ରବିବାରରୁ ଧାନ ସଂଗ୍ରହ ପ୍ରକ୍ରିୟାକୁ ନେଇ ପ୍ରଶାସନିକ ଉଦାସୀନତା ଏଥର ବହୁ ପୂର୍ବରୁ ବାରି ହୋଇ ପଡ଼ିଥିଲା। ସାଧାରଣ ନିର୍ବାଚନକୁ ଆଳ କରି ବିଳମ୍ବରେ ଧାନ ସଂଗ୍ରହ କମିଟି ବୈଠକ ବସିଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ, ଗତ ୮ତାରିଖରୁ ଧାନ କିଣାବିକା ଆରମ୍ଭ ହେବା କଥା । ମାତ୍ର ତାହା ମଧ୍ୟ ହେଲାନି ଏବଂ ସେଥିପାଇଁ ବାତ୍ୟା ଫନୀର ଆଳ ଦେଖାଗଲା । ଏହାପରେ ୧୦ତାରିଖରୁ ଧାନ କିଣାହେବ ବୋଲି ବିଭାଗୀୟ ଅଧିକାରୀମାନେ ଚାଷୀଙ୍କୁ ଆଶ୍ୱାସନା ଦେଲେ । ମାତ୍ର ଶନିବାର ପ୍ୟାକେଟ୍‌ଟିଏ ଧାନ କିଣା ହୋଇ ନାହିଁ ଏବଂ ଧାନ କିଣାବିକାରେ ଏଥର ବିଭାଗୀୟ ଅପାରଗତା ପଦାରେ ପଡ଼ି ଯାଇଛି । କିଛି ବିଭାଗୀୟ ଅଧିକାରୀ ଓ ବେପାରୀଙ୍କ ଅସାଧୁ ମେଣ୍ଟ ଯୋଗୁ ଜାଣିଶୁଣି ବିଭିନ୍ନ ଆଳରେ ଧାନ କିଣାବିକାକୁ ବିଳମ୍ବ କରାଯାଉଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ମଣ୍ଡିରେ ଧାନ କିଣାବିକା ଯେତିକି ବିଳମ୍ବ ହେବ, ବେପାରୀ ଓ ମିଲର୍ସମାନେ ସେତିକି ଫାଇଦା ଉଠାଇବେ ଏବଂ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେବେ । ଫଳରେ ମଣ୍ଡିରେ ଧାନ ଉଠାଣକୁ ତ୍ୱରାନ୍ୱିତ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଶ୍ରୀକର ମାଝିଙ୍କ ମତାମତ ମିଳିପାରି ନାହିଁ ।

■ କବି ଖଗେଶ୍ୱରଙ୍କ ଜୟନ୍ତୀ ସଭାରେ ମତପ୍ରକାଶ

# କ୍ରାନ୍ତିକାରୀ ଚେତନା କବିଙ୍କୁ କରିଛି ଯାଯାବର

ବିଜେପୁର, ୧୧।୫ (ଡି.ଏନ.ଏ)

କବି ଖଗେଶ୍ୱର ସେଠଙ୍କ ରଚନା ଓ ବ୍ୟକ୍ତିଗତ ଜୀବନ ମଧରେ ଫରକ ନ ଥିଲା। ସମସାମୟିକ ଭାରତୀୟ ସାହିତ୍ୟ ଚେତନାକୁ ପୁଞ୍ଜିକରି ସେ ସାହିତ୍ୟ ସର୍ଜନା କରୁଥିଲେ । ସେ ନିଜର ସାମାଜିକ ଜୀବନରେ ଏହାକୁ ଉପଯୋଗ କରୁଥିଲେ। ତେଣୁ ଦୀର୍ଘ ୮୦ ବର୍ଷ ଆୟୁକାଳ ମଧରେ ସେ ୮ରୁ ୯ଖଣ୍ଡ ଗାଁରେ ଜୀବନ ଅତିବାହିତ କରିଥିଲେ। ସୁତାରାଂ କ୍ରାନ୍ତିକାରୀ ଚେତନା ହିଁ କବି ସେଠଙ୍କୁ ଯାଯାବର ଜୀବନ ବିତାଇବାକୁ ବାଧ କରିଥିଲା। ବରଗଡ ଜିଲା ବିଜେପୁର ବ୍ଲକ ପଡାଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ସାହିତ୍ୟପ୍ରାଣ କବି ଖଗେଶ୍ୱର ସେଠଙ୍କ ୧୧୪ତମ ଜୟନ୍ତୀ ସମାରୋହରେ ଏହି ମତପ୍ରକାଶ ପାଇଛି।

ଏହି ସମାରୋହରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ନାଟ୍ୟକାର ମୋହନ ସିଂ ଅଧକ୍ଷତା କରିଥିଲେ। ସ୍ତମ୍ଭକାର ତଥା ଅଧାପକ କିଶୋର ମେହେର ଆଲୋଚକ ଭାବେ ଯୋଗଦେଇ କବି ସେଠଙ୍କ ସାହିତ୍ୟକୃତୀର ପ୍ରଚାରପ୍ରସାରର ଆବଶ୍ୟକତା ରହିଛି । ତେଣୁ ଆଗାମୀ ଦିନରେ ରାଜ୍ୟ ରାଜଧାନୀରେ ତାଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯିବା ଉଚିତ ବୋଲି କହିଥିଲେ। ସାହିତ୍ୟକ ଉତ୍ପନ୍ନ କୁମାର ଭୋଇ, ଅଧାପକ ସୁଶାନ୍ତ କୁମାର ମିଶ୍ର ଆଲୋଚକ ଭାବେ ଯୋଗଦେଇ କବିଙ୍କ ସାହିତ୍ୟ କୃତୀରେ ବାସ୍ତବବାଦୀ ଦିଗ ଉପରେ ଆଲୋକପାତ କରିଥିଲେ। ନାଟ୍ୟ ଗବେଷକ କେଶରଞ୍ଜନ ପ୍ରଧାନ ମୁଖ୍ୟବକ୍ତା, ବିଡିଓ ପଦ୍ମନାଭ ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପରେ ସେଠ ସାହିତ୍ୟର ପ୍ରଚାରକ ଭାବେ ଜୀବନବ୍ୟାପୀ ସାଧନା ପାଇଁ ତାଳପଦରର ଗୁଣନିଧି ସାହୁଙ୍କୁ ଖଗେଶ୍ୱର ସାହିତ୍ୟ ସମ୍ମାନ-୨୦୧୯ରେ ମୁଖ୍ୟଅତିଥି ଦରୱାନ ସମ୍ବର୍ଦ୍ଧିତ କରିଥିଲେ। କୋଷାଧକ୍ଷ ଦେବାଶିଷ ମେହେର ମାନପତ୍ର ପାଠ କରିଥିଲେ । ଉପସଭାପତି ଦିଲ୍ଲୀପ କୁମାର ଦେବତା ଉଦ୍ଦେଶ୍ୟଜ୍ଞାପନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ରାଜେଶ୍ୱର ବେହେରା ସମାରୋହ ସଂଯୋଜନା କରିଥିଲେ। ପରେ ସମ୍ବଲପୁରୀ କବିତା ଆସର ଅନୁଷ୍ଠିତ ହୋଇଥିଲା। ଖଗେଶ୍ୱର ସାହିତ୍ୟ କଳା ପରିଷଦ ଓ ପଡା ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସହ ସମ୍ପାଦକ ହୃଦମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ

### ୨ବାଇକ୍ ମୁହାଁମୁହିଁ ଧକ୍କା, ଜଣେ ଗୁରୁତର

**କୋକସରା,୧୧।୫ (ଡି.ଏନ.ଏ.)**- ୨୬ ନମ୍ବର ଜାତୀୟ ରାଜପଥ କୋକସରା ବ୍ଲକ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଶନିବାର ଅପରାହ୍ନରେ ୨ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କଲମପୁର ବ୍ଲକ ଇଛାପୁର ଗ୍ରାମର ପବିତ୍ର ନାଏକ। ସୂଚନା ମୁତାବକ, ପବିତ୍ର କୌଣସି କାମରେ ଆମପାଣିରୁ ଏକ ବାଇକ୍ (ନଂ.ଓଆର୦୮ଜି-୯୯୩୮) ଯୋଗେ ଆସୁଥିବା ବେଳେ କୋକସରାରୁ ଆସୁଥିବା ଅନ୍ୟ ଏକ ବାଇକ୍ (ନଂ.ଓଡ଼ି୦୮ଇ-୨୩୭୪) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ପବିତ୍ର ରାସ୍ତାରେ ପଡ଼ି ଗୁରୁତର ଆହତ ହୋଇଥିଲେ। ହେଲେ ଅନ୍ୟ ୨ଜଣ ଯୁବକ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଯୁବକ ସଚିନ ଅଗ୍ରୱାଲ, ବୁନା ଧଙ୍ଗଡ଼ା ମାଝି, ଗୁଡ୍ଡୁ ଗୁପ୍ତାଙ୍କ ସହ ଅନ୍ୟମାନେ ଆହତ ପବିତ୍ରଙ୍କୁ ଉଦ୍ଧାର କରି କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଖବର ପାଇ କୋକସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ବାଇକ୍‌କୁ ଜବତ କରିଛି। ଅନ୍ୟପକ୍ଷେ ପବିତ୍ରଙ୍କୁ ଭବାନୀପାଟଣା ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଉତ୍ତମ କୁମାର ସାହୁ ସୂଚନା ଦେଇଛନ୍ତି।

### ନୂଆପଡ଼ା ଜିଲାମୁଖ୍ୟ ଚିକିତ୍ସାଳୟରେ ବ୍ୟାପକ ଅବ୍ୟବସ୍ଥା

# ଅଧିକାରୀଙ୍କୁ ଘେରିଲେ ରୋଗୀ

**ନୂଆପଡ଼ା ଅଫିସ,୧୧।୫**

ସରକାର ସାଧାରଣ ଲୋକଙ୍କୁ ସ୍ୱାସ୍ଥ୍ୟ ଭଳି ମୌଳିକ ସୁବିଧା ସୁନିଶ୍ଚିତ କରିବାକୁ ବାରମ୍ବାର ଚେଷ୍ଟିତ ଥିବାବେଳେ ଏହାକୁ କାର୍ଯ୍ୟକାରୀ କରିବାରେ ଅଧିକାରୀମାନେ ବିଫଳ ହେଉଛନ୍ତି। ଏହାର ଏକ ଉଦାହରଣ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଦେଖିବାକୁ ମିଳୁଛି। ଜନସାଧାରଣଙ୍କ ବାରମ୍ବାର ଦାବି ସତ୍ତ୍ୱେ ଅବସ୍ଥା ସୁଧୁରୁ ନ ଥିବାରୁ ଏହା ଅଧିକାରୀମାନଙ୍କ ଅକ୍ଷମତାକୁ ପଦାରେ ପକାଇଛି। ସାମୁଦ୍ରିକ ଝଡ ଫନୀ ପାଇଁ କୌଣସି ଡାକ୍ତର ଛୁଟିରେ ଯିବାକୁ କମିଶନର ମନା କରିଥିବା ସତ୍ତ୍ୱେ ଏହାକୁ ଅବମାନନା କରି ପ୍ରମୁଖ ଡାକ୍ତରମାନେ ହସ୍ପିଟାଲ ଛାଡି ଚାଲିଯାଇଥିବାରୁ ରୋଗୀସେବା ବ୍ୟାହତ ହୋଇଛି। ଏହାକୁ ହସ୍ପିଟାଲ ମୁଖ୍ୟ ଜାଣିଶୁଣି ସମର୍ଥନ କରୁଥିବା ଅଭିଯୋଗ ନେଇ ଶେଷରେ ରୋଗୀ ଏବଂ ତାଙ୍କ ସମ୍ପର୍କୀମାନେ ଅଧିକାରୀଙ୍କୁ ଘେରି ସମସ୍ୟାର ସମାଧାନ କରିବାକୁ ଦାବି କରିଥିଲେ । ପ୍ରକାଶ ଯେ, ଛତିଶଗଡ଼ ସୀମାନ୍ତରେ ଥିବା ନୂଆପଡ଼ା ଭଳି ଉପାନ୍ତ ଜିଲାରେ ସ୍ୱାସ୍ଥ୍ୟ ସମସ୍ୟା

#### କମିଶନରଙ୍କ ନିର୍ଦ୍ଦେଶକୁ ବେଖାତିର



ନାଗରିକ ସମାଜ ପକ୍ଷରୁ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ହସ୍ପିଟାଲରେ ରହିଥିବା ସମସ୍ୟାର ସମାଧାନ ନେଇ ଦାବି ଜଣାଉଛନ୍ତି।

ସଙ୍ଗୀନ ହୋଇପଡିଛି। ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ସମସ୍ତଙ୍କ ଆଶା ଏବଂ ଭରସାର କେନ୍ଦ୍ର ହୋଇରହିଛି । ଏଠାକୁ ପ୍ରତ୍ୟହ ପଡୋଶୀ ବଲାଙ୍ଗୀର, ବରଗଡ଼ ସମେତ ଛତିଶଗଡର ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ହେଲେ ଆବଶ୍ୟକ ମୁତାବକ ଡାକ୍ତର ନ ଥିବାବେଳେ ଯେଉଁ ଡାକ୍ତର ନିଯୁକ୍ତ ପାଇ ରହିଛନ୍ତି ସେମାନେ ଠିକ୍ ଭାବରେ ଦାୟିତ୍ୱ ତୁଲାଉ ନ ଥିବାରୁ ରୋଗୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଅନ୍ୟପକ୍ଷେ କେତେଜଣ ଡାକ୍ତର ବିଭିନ୍ନ ବାହାନା କରି ଛୁଟିରେ ମାସାଧିକ ସମୟ ରହୁଥିବାବେଳେ ଅଧିକାରୀମାନେ ଜାଣି ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ସେହିପରି ସହ୍ପିଟାଲ ମଧରେ ଠିକ୍ ଭାବରେ ପାଣି, ବିଜୁଳି ବ୍ୟବସ୍ଥା ହୋଇପାରୁ ନାହିଁ। ଅନ୍ୟପକ୍ଷେ ଏହାର ପରିଚାଳନା ସକାଶେ ସ୍ୱତନ୍ତ୍ର ଭାବେ ଜଣେ କର୍ମଚାରୀ ନିଯୁକ୍ତି ହୋଇଛନ୍ତି। । ହେଲେ ବର୍ତ୍ତମାନ ଖରା ଦିନରେ ବିଭିନ୍ନ ସମସ୍ୟା ଯୋଗୁ ରୋଗୀମାନେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ଏପରି କି ପ୍ରସୂତି ୱାର୍ଡରେ ବ୍ୟାପକ ଅବ୍ୟବସ୍ଥା ରହିଥିବା ବେଳେ ମା'ମାନେ ହଇରାଣ ହରକତ ହେଉଛନ୍ତି। ଶନିବାର ମଧ୍ୟାହ୍ନରେ ସଚେତନ ନାଗରିକ ରୋଗୀମାନଙ୍କୁ ନେଇ ଅତିରିକ୍ତ ଜିଲାମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଘେରାଉ କରିଥିଲେ। ଏପରି କି ତୁରନ୍ତ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇଦେବାକୁ ଦାବି କରିଥିଲେ। ଏନେଇ ଅତିରିକ୍ତ ଜିଲାମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ କହିଥିଲେ ବାରମ୍ବାର କର୍ମଚାରୀମାନଙ୍କୁ ତାଗିଦା କରାଯାଉଛି। ହେଲେ କେହି କଥାକୁ ଗୁରୁତ୍ୱ ଦେଉ ନ ଥିବା କହିଥିଲେ। ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ସମସ୍ୟାର ତୁରନ୍ତ ସମାଧାନ ନ କଲେ ଆନ୍ଦୋଳନ କରାଯିବ ବୋଲି ସଚେତନ ନାଗରିକଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ଘେରାଉରେ ନାଗରିକ ସମାଜ ପକ୍ଷରୁ ରବୀନ୍ଦ୍ର ମଙ୍ଗରାଜ, ମାନବ ଅଧିକାର କର୍ମୀ ଦେବେନ୍ଦ୍ର କୁମାର ବାଗ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ବଢୁଛି ତାତି, ଜନଜୀବନ ଅସ୍ତବ୍ୟସ୍ତ

**ସିନାପାଲି,୧୧।୫ (ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ଅଞ୍ଚଳରେ ଦିନକୁ ଦିନ ତାତି ବଢ଼ିବାରେ ଲାଗିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । କିଛିଦିନ ହେଲା ଅଞ୍ଚଳରେ ୪୨ ଡିଗ୍ରୀରୁ ଅଧିକ ତାପମାତ୍ରା ଥିବା ଅନୁମାନ କରାଯାଉଛି। ଏନେଇ ସକାଳ ୯ଟାରୁ ଘରୁ ବାହାରିବା ଲୋକଙ୍କ ପାଇଁ କଷ୍ଟକର ହୋଇପଡୁଛି। ଲୋକେ ତାତିରୁ ରକ୍ଷା ପାଇବା ପାଇଁ ମୁଣ୍ଡରେ କପଡା, ଚଷମା ବ୍ୟବହାର କରୁଥିବା ବେଳେ ତୁରଭୁଜ, ଥଣ୍ଡା ପାନୀୟ, ଜୁସ, ଲସି ଦୋକାନରେ ଲୋକଙ୍କ ଭିଡ ଦେଖିବାକୁ ମିଳୁଛି ।

ପଥିକମାନଙ୍କୁ ପାନୀୟଜଳର ବ୍ୟବସ୍ଥା ନେଇ ଜଳଛତ୍ର କେନ୍ଦ୍ର ଖୋଲା ଯାଇଥିଲେ ମଧ ଏହା ଯଥେଷ୍ଟ ହୋଇପାରୁ ନ ଥିବା ଜଣାପଡିଛି। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଲୋକେ ଡହଳବିକଳ ହେଉଥିବା ବେଳେ ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁ ଅଞ୍ଚଳରେ ଜନଅସନ୍ତୋଷ ଦେଖାଦେଇଛି। ଏପରି କି ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପକ୍ଷେ ପ୍ରବଳ ତାତି ଯୋଗୁ ଅଞ୍ଚଳର ଜଳାଶୟଗୁଡିକ ଶୁଖିବାକୁ ଲାଗିଛି । ଏପରିସ୍ଥିତିରେ ଗୋରୁଙ୍କ ପାଇଁ ଜଳସଙ୍କଟ ଦେଖା ଦେବାର ଆଶଙ୍କା ରହିଛି। ସିନାପାଲି ଅଞ୍ଚଳର ଗାଁଗୁଡିକରେ ଟାଙ୍ଗରା ପାହାଡ ଥିବା ବେଳେ ପଥର ଚଟାଣର ଉତ୍ତପ୍ତ ଲୋକଙ୍କୁ ଅସ୍ତବ୍ୟସ୍ତ କରି ପକାଉଛି। ଏପରି କି ସିନାପାଲି ସହରକୁ ବିଭିନ୍ନ କାମ ପାଇଁ ଯାଉଥିବା ଲୋକେ ପୂର୍ବାହ୍ନ ୧୦ଟାରୁ ଘରକୁ ଫେରିଆସୁଛନ୍ତି। ଫଳରେ ସିନାପାଲି ସହର ଏକପ୍ରକାର ଶୂନ୍‌ଶାନ୍ ହୋଇପଡୁଛି ।

## ଡିଆଇପିଆର୍‌ଓ ମାନସ ରଞ୍ଜନ ବିଶ୍ୱାଳ ନିଯୁକ୍ତ

**ଭବାନୀପାଟଣା,୧୧।୫ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲାର ନୂତନ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ (ଡିଆଇପିଆର୍‌ଓ) ଭାବେ ମାନସ ରଞ୍ଜନ ବିଶ୍ୱାଳଙ୍କୁ ରାଜ୍ୟ ସରକାର ନିଯୁକ୍ତ କରିଛନ୍ତି। ସେ ପୁରୀର ଡିଆଇପିଆର୍‌ଓ ଭାବେ ନିଯୁକ୍ତ ଥିଲେ। କଳାହାଣ୍ଡିର ପୂର୍ବତନ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୁରବୀର ସିଂଙ୍କୁ ପୁରୀ ଜିଲାର ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ବଦଳି କରାଯାଇଛି।

# ମହୁଲଫୁଲ, ଚାରାର ଅଭାବୀ ବିକ୍ରି

**ଦେଓଗାଁ,୧୧।୫ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ଅନେକ ପରିବାର କୃଷି ସାଙ୍ଗକୁ ମହୁଲ, ଅଁଳା, ବାହାଡା, ଭାଲିଆ, ସାଲମଞ୍ଜି, ମହୁ, ଝୁଣା, କେନ୍ଦୁ, ଚାର, ସିଆଳି ପତ୍ର ଆଦି ବିଭିନ୍ନ ବନ୍ୟଜାତ ଦ୍ରବ୍ୟ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି। ବର୍ତ୍ତମାନ ଉକ୍ତ ଦ୍ରବ୍ୟ ମଧ୍ୟରୁ ମହୁଲ ଫୁଲ ଓ ଚାର ସଂଗ୍ରହ ଏକ ଲାଭଦାୟକ ବ୍ୟାପାର । ଏଣୁ ଏହି ଅଞ୍ଚଳର ପ୍ରାୟ ଶ୍ରମଜୀବୀ ପରିବାର ସକାଳୁ ମହୁଲ ଫୁଲ ଓ ଚାର ସଂଗ୍ରହରେ ଲାଗି ପଡନ୍ତି। ବର୍ତ୍ତମାନ ପ୍ରାୟତଃ ୬୦% ମହୁଲ ଫୁଲ ସଂଗ୍ରହ ସରିଛି। ଏହାକୁ ସ୍ଥାନୀୟ ମହାଜନ ଏବଂ କଳା ବେପାରୀ କମ୍ ମୂଲ୍ୟରେ କିଣିବାର ଚକ୍ରାନ୍ତ ଆରମ୍ଭ କରିଦେଇଥିବା ନଜରକୁ ଆସୁଛି । ଚଳିତବର୍ଷ ମହୁଲ ଫୁଲ ସଂଗ୍ରହକାରୀ ପ୍ରକୃତ ସରକାରୀ ଦର ନ ଜାଣି ବେପାରୀଙ୍କ ଠକାମିର ଶିକାର ହେଉଛନ୍ତି। ରାଜ୍ୟ ସରକାର ଗତ ୨୦୦୦ ମସିହା ମେ ୨୬ ତାରିଖରେ ୬୯ ପ୍ରକାରର ଲଘୁବନ୍ୟ ଜାତ ଦ୍ରବ୍ୟର



ଧଣ୍ଡାମାଳ ପଞ୍ଚାୟତ ଅନ୍ତର୍ଲା ନିକଟରେ ବୃଦ୍ଧାବୃଦ୍ଧ ମହୁଲ ଫୁଲ ସଂଗ୍ରହ କରୁଛନ୍ତି।

#### ବେପାରୀ ଧାର୍ଯ୍ୟ କରୁଛନ୍ତି ଦର

କିଣାବିକା ସଂକ୍ରାନ୍ତିୟ ଦାୟିତ୍ୱ ପଞ୍ଚାୟତକୁ ପ୍ରଦାନ କରିଥିଲେ। ମାତ୍ର ଉପଯୁକ୍ତ ତାଲିମ ଅଭାବରୁ ସେମାନେ ଏ ବିଷୟରେ ପ୍ରାୟତଃ ଅଜ୍ଞ ଥିବା ଜଣାଯାଏ। ପ୍ରତ୍ୟେକ ଲଘୁ ବନଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପ୍ରତିବର୍ଷ ଅକ୍ଟୋବର ମାସରେ ନିର୍ଦ୍ଧାରଣ କରିଥାଏ। ସେହି ଦ୍ରବ୍ୟ ସବୁ ଠିକ୍ ଦରରେ ବିକ୍ରି ହେଉଛି କି ନାହିଁ ତାହା ତଦାରଖ ସହିତ ଦ୍ରବ୍ୟ କିଣାବିକା କରିବାକୁ ଇଚ୍ଛୁକ ବ୍ୟକ୍ତିଙ୍କଠାରୁ ୧୦୦ଟଙ୍କା ନେଇ ଗ୍ରାମପଞ୍ଚାୟତ ରସିଦ ଦେବା କଥା । ସେହିପରି ବଡ ବେପାରୀ ବା ମହୁଲ ବ୍ୟବସାୟ ନିମନ୍ତେ ଏଜେଣ୍ଟମାନେ ଅବକାରୀ ବିଭାଗ ଜରିଆରେ ଜିଲାପାଳଙ୍କଠାରୁ ଲାଇସେନ୍ସ କରିବା କଥା । ହେଲେ ଦେଓଗାଁ ଅଞ୍ଚଳର ବନ୍ୟଜାତ ଦ୍ରବ୍ୟ ସଂଗ୍ରହକାରୀଙ୍କ ସରଳତାର ସୁଯୋଗ ନେଇ କମ୍ ଦରରେ କିଣା ଯିବା ସହ ପଞ୍ଚାୟତଗୁଡିକରୁ ଅନେକ ବ୍ୟପାରୀ ରସିଦ କାଟୁ ନାହାନ୍ତି । ଖବର ନେବାରୁ ଜଣାପଡିଛି ଯେ, ଲଣ୍ଡାପଥର, ଡୁମେରଯୋର, କରୁଆଁଝର, ବଡବନ୍ଧ, ସିକୁଆଁ, କୁତୁର୍ଲା, ସାଲେପାଲି, ଉଡାର, ରାମଚନ୍ଦ୍ରପୁର, ଦେଷଣ୍ଡ, ସିଙ୍ଗାମୁଣ୍ଡା, ବ୍ରାହ୍ମଣିଯୋର, ସାରସମାଲ, ଉପରଝର, ମୁକୁନ୍ଦପୁର, ବଡବାହାଲ, ଅର୍ଜ୍ଜୁନପୁର, ଗୌରଗୋଠ ଅଞ୍ଚଳରୁ ଅନେକ ବ୍ୟବସାୟୀ ବିନା ଲାଇସେନ୍ସରେ ଅଥବା କମ୍ ପରିମାଣର ଲାଇସେନ୍ସ କରି କୁଇଣ୍ଟାଲ କୁଇଣ୍ଟାଲ ମହୁଲ ନିଜେ ଦର ଧାର୍ଯ୍ୟ କରି କମ୍ ମୂଲ୍ୟରେ କିଣିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। କେତେକ ଗୋଦାମ କରି ଛୋଟଛୋଟ ବ୍ୟବସାୟୀଙ୍କଠୁ ମହୁଲ ସଂଗ୍ରହ କରି ଗଚ୍ଛିତ ରଖି ବ୍ୟବସାୟ ଚଳାଇଛନ୍ତି । ଏ ନେଇ ସ୍ଥାନୀୟ ଅବକାରୀ ବିଭାଗ ତଥା ଦୁର୍ନୀତି ନିବାରଣ ବିଭାଗ ଧ୍ୟାନ ଦେଉ ନାହାନ୍ତି। ସମ୍ପୃକ୍ତ ବ୍ୟବସାୟୀଙ୍କ ଗୋଦାମ ଉପରେ ଚଢାଉ କରିବାକୁ ଦାବି ହେଉଛି ।

## ଯୁବତୀଙ୍କୁ ବଳାତ୍କାର ଘଟଣା ୩ମାସ ପରେ ଅଭିଯୁକ୍ତ ଗିରଫ

**ଜୁନାଗଡ,୧୧।୫ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅଞ୍ଚଳରେ ଗତ ଫେବୃୟାରୀରେ ଜଣେ ଯୁବତୀଙ୍କୁ ଯୁବକ ଜଣଙ୍କ ବଳାତ୍କାର କରି ଫେରାର ହୋଇଯାଇଥିଲେ। ଘଟଣାର ୩ମାସ ପରେ ଜୁନାଗଡ଼ ପୋଲିସ ଫେରାର ଥିବା ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ବଜ୍ରିତୁଲସୀପାଲି ଗ୍ରାମର ବାଲେଶ୍ୱର ନାଏକ(୩୫)। ମିଳିଥିବା ସୂଚନା ମୁତାବକ, ବାଲେଶ୍ୱର ଜଣେ ଯୁବତୀଙ୍କୁ ବଳାତ୍କାର କରିଥିଲେ। ଏ ନେଇ ଫେବୃୟାରୀ ୨୬ତାରିଖରେ ଜୁନାଗଡ ଥାନାରେ ଏକ ଅଭିଯୋଗ ହୋଇଥିଲା। ଏ ନେଇ ଜୁନାଗଡ଼ ଥାନାରେ ଏକ ମାମଲା(ନଂ.୫୭/୧୯) ରୁଜୁ ହୋଇଥିଲା। ହେଲେ ବାଲେଶ୍ୱର ଫେରାର ହୋଇଯାଇଥିଲେ। ଜୁନାଗଡ଼ ପୋଲିସ ଶନିବାର ବାଲେଶ୍ୱରଙ୍କୁ ଗିରଫ କରି ଡାକ୍ତରୀ ମାଇନା ପରେ ଜୁନାଗଡ୍ ଜେଏମ୍‌ଏଫସି କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ କହିଛି। ଜୁନାଗଡ଼ ପୋଲିସ ପକ୍ଷରୁ ସବ୍‌ଇନ୍‌ସ୍ପେକ୍ଟର ସବିତା ପ୍ରଧାନ ମାମଲା ତଦନ୍ତ କରୁଥିଲେ।



ବୁଢ଼ାଦେଓଙ୍କ ଗୁଡ଼ି ନିର୍ମାଣ ଲାଗି ଭୂମି ପୂଜନ ଉତ୍ସବରେ ଉପସ୍ଥିତ ସମାଜର କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

## ବୁଢ଼ାଦେଓଙ୍କ ଗୁଡ଼ି ନିର୍ମାଣ ଲାଗି ଭୂମିପୂଜନ ଉତ୍ସବ

**ଭବାନୀପାଟଣା, ୧୧।୫ (ଡି.ଏନ୍.ଏ.)**

ଅଖିଳ ଭାରତୀୟ ଗୋଁଣ୍ଡ ସମାଜ ଟ୍ରଷ୍ଟ କଳାହାଣ୍ଡି ପକ୍ଷରୁ ଅକ୍ଷୟତୃତୀୟା ଅବସରରେ ବୁଢାଦେଓଙ୍କ ଗୁଡି ନିର୍ମାଣ ନିମନ୍ତେ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଭବାନୀପାଟଣା ସହର ସୀମାନ୍ତବର୍ତ୍ତୀ ରିଷିଗାଁ ନିକଟସ୍ଥ କର୍ଲାକୋଟଠାରେ ଆୟୋଜିତ ଉତ୍ସବରେ କଳାହାଣ୍ଡି ଗୋଁଣ୍ଡ ମହାସଭାର ସଭାପତି କହ୍ନେଇ ପାତ୍ର, ଅଖିଳ ଭାରତୀୟ ଗୋଁଣ୍ଡ ସମାଜ ଟ୍ରଷ୍ଟ କଳାହାଣ୍ଡିର ସମ୍ପାଦକ ଲୋଚନ ଧରୁଆଁ, କୋଷାଧ୍ୟକ୍ଷ ବାସୁଦେବ ମାଝି, ଉପଦେଷ୍ଟା ପରମାନନ୍ଦ ମାଝି, ଲଏଚନ୍ ଦଣ୍ଡସେନା, ସଦସ୍ୟ ପଦ୍ମନ ପାତ୍ର, କବି ମାଝି, ନିତ୍ୟାନନ୍ଦ ପାତ୍ରଙ୍କ ସହ ଜିଲାର ବିଭିନ୍ନ ସ୍ଥାନରୁ ବହୁ ବ୍ୟକ୍ତି ଯୋଗଦେଇଥିଲେ।

ଏହି ଅବସରରେ ଭଗତ ମାଝିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଘୃତଯଜ୍ଞ କାର୍ଯ୍ୟକ୍ରମରେ ମହେଶ୍ୱର ମାଝି ଓ ତାଙ୍କ ସ୍ତ୍ରୀ ତଥା ଟ୍ରଷ୍ଟର ମହିଳା ସାଂଗଠନିକ ଅଧ୍ୟକ୍ଷା ଇନ୍ଦୁମୁଖୀ ମାଝି ଯଜ୍ଞର କର୍ତ୍ତା କାର୍ଯ୍ୟ ସମ୍ପାଦନ କରିଥିଲେ। ସମାଜର ବୁଢାଦେଓଙ୍କ ଗୁଡି ନିର୍ମାଣ ପାଇଁ ଗୋଁଣ୍ଡ ସମାଜ ରିଷିଗାଁ କର୍ଲାକୋଟର ବଦାନ୍ୟ ବ୍ୟକ୍ତି ଧନେଶ୍ୱର ମାଝି ୫୦ ଡିସିମିଲ୍ ଜମି ଦାନ କରିଥିବାରୁ ସମାଜ ପକ୍ଷରୁ ତାଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି। ଅନ୍ୟତମ ଉଦ୍ୟୋକ୍ତା ଖଗେନ୍ଦ୍ର ମାଝିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନାରେ ସଦସ୍ୟ ଚୈତନ୍ୟ ମାଝି, ଅଧ୍ୟାପକ ଡୋଳାମଣି ଧରୁଆ, ରୂପାଧର ଦଣ୍ଡସେନା, କାଶୀନାଥ ଦଣ୍ଡସେନା ପ୍ରମୁଖ ସହଯୋଗ କରିଥିଲେ।

## କେରିରେ ଅଧିକ କେନ୍ଦୁପତ୍ର ନେବାକୁ ନେଇ ଅସନ୍ତୋଷ

**ଲୋଇସିଂହା,୧୧।୫ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢୀପଦର ପଞ୍ଚାୟତ ଅଧୀନ ନେଗିପାଲି ଗ୍ରାମର କେନ୍ଦୁପତ୍ର ଫଡିରେ କେରି ପିଛା ଅଧିକ ପତ୍ର ନିଆଯାଉଛି। ଫଳରେ ତୋଳାଳି ଶୋଷଣର ଶିକାର ହେଉଛନ୍ତି। ନେଗିପାଲି ଗାଁରେ ରହିଛି କେନ୍ଦୁପତ୍ର ଫଡି ଘରି । ଗାଁର ଅଧିକାଂଶ ପରିବାର କେନ୍ଦୁପତ୍ର ସଂଗ୍ରହରେ ନିୟୋଜିତ ରହିଥାନ୍ତି। ଭଲ ରୋଜଗାର ଆଶାରେ ପରିବାର ସଦସ୍ୟ ସକାଳୁ ପୂର୍ବାହ୍ନ ପର୍ଯ୍ୟନ୍ତ ଜଙ୍ଗଲକୁ ଯାଇ କେନ୍ଦୁପତ୍ର ସଂଗ୍ରହ କରଥାନ୍ତି। ମଧ୍ୟାହ୍ନରେ କେରି ବାନ୍ଧି ଅପରାହ୍ନରେ ଫଡି ଘରକୁ ଦେଇଥାନ୍ତି। ଚଳିତ ବର୍ଷ କାଳବୈଶାଖୀ, କରାମାଡ ଓ ଅଦିନିଆ ବର୍ଷା ଫଳରେ କେନ୍ଦୁପତ୍ର ଅମଳ କମିବା ଆଶଙ୍କା ରହିଛି । ଏଭଳି ସ୍ଥିତିରେ କର୍ମଚାରୀମାନେ କେରି ପିଛା ୪ରୁ ୫ପତ୍ର ଅଧିକ ନେଉଛନ୍ତି । ତୋଳାଳିମାନେ ଏହର ପ୍ରତିବାଦ କଲେ ଫଟା ଓ ମାତା ପତ୍ର ଆଣୁଥିବାରୁ ଅଧିକ ଦେବାକୁ ବାଧ୍ୟ ବୋଲି କହୁଛନ୍ତି। ତୋଳାଳି କେରିକୁ କର୍ମଚାରୀ ବାଟ ମାରଣ କରୁଥିବା ଅଭିଯୋଗ ହୋଇଛି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବିହେଉଛି ।

## ବହିଷ୍କୃତ ହେଲେ ୨ଆଇନଜୀବୀ

**ଜୁନାଗଡ,୧୧।୫ (ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଜୁନାଗଡ଼ ସହରସ୍ଥିତ ଜେଏମଏଫସି କୋର୍ଟ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୁନାଗଡ ଓକିଲ ସଂଘର ସଭାପତି ସୁଧାଂଶୁ ଶେଖର ବରାଡ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜୁନାଗଡ ଓକିଲ ସଂଘକୁ ୨ଭାଗ କରିବାର ପ୍ରୟାସ କରି ସଂଘ ବିରୋଧୀ କାର୍ଯ୍ୟକରିଥିବା ଓ ସମାନ୍ତରାଳ ଭାବେ ସିଭିଲବାର ଗଠନ କରି ଜୁନାଗଡ ଓକିଲ ସଂଘର ମର୍ଯ୍ୟଦା ହାନି ଅଭିଯୋଗ ହୋଇଥିଲା।

ଏ ନେଇ ରେଜୁଲେଶନ ନଂ.୫/୨୦୧୯ରେ ଆଇନଜୀବୀ ସୁଶୀଲ କୁମାର ପଣ୍ଡା ଓ ରାଜେନ୍ଦ୍ର କୁମାର ବୈଠାରୁଙ୍କୁ ଜୁନାଗଡ ଓକିଲ ସଂଘର ସଦସ୍ୟ ପଦରୁ ବହିଷ୍କାର କରାଯାଇଛି। ସେହିପରି ଆଇନଜୀବୀ ସୁଶୀଲ କୁମାର ପାଢୀ, ଲୋକନାଥ ମଙ୍ଗରାଜ, ମମତା ବାରିକ, ଚିନ୍ମୟ ମେହେର, ଯୁଦେଷ୍ଟି ବାଗଙ୍କ ମତାମତ ନିଆଯାଇ ତାଙ୍କ ସଦସ୍ୟତା କାଏମ ରଖାଯାଇଛି।

#### ସଂଗଠନ ବିରୋଧୀ କାର୍ଯ୍ୟ



ବୈଠକ ଉପସ୍ଥିତ ଓକିଲ ସଂଘର କର୍ମକର୍ତ୍ତାଙ୍କ ସହ ଆଇନଜୀବୀମାନେ।

ଅନ୍ୟପକ୍ଷେ ପୂର୍ବତନ ସମ୍ପାଦକ ରାଜେନ୍ଦ୍ର ବୈଠାରୁ ବାର୍‌ର କିଛି ଅର୍ଥ ହେରଫେର କରିଥିବାରୁ ତାଙ୍କ ବିରୋଧରେ ଥାନାରେ ଏତଲା ଦିଆଯିବ ବୋଲି ଜୁନାଗଡ଼ ଓକିଲ ସଂଘ ପକ୍ଷରୁ ଏକ ପ୍ରେସ ବିବୃତିରେ ଜଣାଯାଇଛି। ଏ ନେଇ ପୂର୍ବତନ ସମ୍ପାଦକ ରାଜେନ୍ଦ୍ର ବୈଠାରୁଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ଟଙ୍କା ହେରଫେର କଥାକୁ ଅସ୍ୱୀକାର କରିଥିଲେ। ମୁଁ ସଙ୍ଗଠନ ବିରୋଧୀ କାର୍ଯ୍ୟ କରିନାହିଁ, ଯଦି ସଂଘ ପକ୍ଷରୁ କୁହାଯିବ ପୁଣି ଥରେ ଟଙ୍କାର ହିସାବ ଦେବି ବୋଲି କହିଥିଲେ। ସେହିପରି ଆଇନଜୀବୀ ସୁଶୀଲ କୁମାର ପଣ୍ଡାଙ୍କୁ ପଚାରିବାରୁ ଏକ ସିଭିଲ ବାର ଅସୋସିଏଶନ ଗଠନ କରାଯାଇଛି। ଜୁନାଗଡ଼ ଓକିଲ ସଂଘ ପକ୍ଷରୁ ତାଙ୍କୁ ବହିଷ୍କାର କଲେ ମଧ କିଛି ଯାଏ ଆସେ ନାହିଁ ବୋଲି କହିଥିଲେ।

## ପାଏନ୍ ଲାଗି ଡହକ୍‌ବିକଲ ବୋର୍ଡ଼ା ଅଂଚଲବାସୀ

**ଭବାନୀପାଟଣା, ୧୧।୫ (ଡି.ଏନ୍.ଏ)**

ଭବାନୀପାଟଣା ସଦର ବ୍ଲକ ବୋର୍ଡା ମିଲକୀ ଅଂଚଲ ଏହେଦେ ମୁଡ଼ଫଟା ଖରାରେ ସିଝୁଛେ। ୪୬ ଡିଗ୍ରୀ ତାତି ସଂଗେ ଗୁଲଗୁଲିରେ ଲୋକ୍ ଡହକ୍‌ବିକଲ ହେଉଛନ୍। ଇ ସମିଆରେ ଅଂଚଲର ଗୁରୁଜୁଙ୍ଗ ପଁଚେତର ବାଲିପଦର ଗାଁବାସୀ ପିଇଲା ପାଏନ୍ ସମସିଆ ସଂଗେ ଯୁଝୁଛନ୍। ଗାଁବାସୀକର ପିଇବା ପାଏନ୍ ସୁବିଧା ଲାଗି ୪ଟା ନଲ୍‌ଚୁଆଁ ରହିଛେ। ହେଲେ ସେ ଭିତରୁ ୨ଟା ନଲ୍‌ଚୁଆଁରୁ ବୁଁଦେ ପାଏନ୍ ନାଇଁ ବାରବାର। ଗାଁରେ ଥିବାର ଗୁଟେ ବଲି ବଁଧ୍ ଖରାରେ ଶୁଖା ପଡ଼ିଛେ। ଲୋକ୍, ଗାଈଗୋରୁ, ଚରେ ଚିରଗୁନ ପାଏନ୍ ଲାଗି ଡହକ୍‌ବିକଲ ହେଉଛନ୍। ଗାଁରେ ଯେନ୍ ୨ଟା ନଲ୍‌ଚୁଆଁ ଚଲୁଛେ ଲୋକ୍ ସେ ପାଏନ୍‌କେ ଭାଗବଁଟା କରି ଚଲୁଛନ୍। ଗଲା ପଁଚେତ୍ ନିରବାଚନ ଆର ସାଧାରନ ନିରବାଚନରେ ଗାଁକେ ଅନେକ ନେତା, ମନ୍ତ୍ରୀ ଆସି ଗାଁରେ ପିଇବାର ପାଏନ୍‌ର ସୁବିଧା କରବାକେ ପରତିଶ୍ରୁରତି ଦେଇ ଯାଇଥିଲେ। ହେଲେ ଭୋଟ ବେଲେ ନେତା, ମନ୍ତ୍ରୀ ଗାଁବାସୀକୁ ଭକୁଆ ଥାବ୍ କରୁଛନ୍, ଭୋଟ ସଏଲେ କାହାରି ଦେଖାଦରଶନ ନାଇଁମିଲବାର ବଲି ଗାଁର ରାଧା ବେହେରା, ଗନ୍ଧର୍ବୀ ମାଝୀ, ସେବତୀ ମାଝୀ, ନେତ୍ରୀ ପୟାସିଂ, ଚଞ୍ଚଳା ମହାନନ୍ଦ, ଝରଣା ବେହେରା, ଡିଲେଶ୍ୱରୀ ବେହେରା, ପାଟ ବେହେରା ପରମୁଖ ଅଭିଯୋଗ କରିଛନ୍। ଯେତେ ଜଲଦି ହେବା ପରଶାସନ ଗାଁକେ ପାଇପ୍ ପାଏନ୍ ଯୁଗେଇ ଦେବାର ବେବସ୍ତା କରବାକେ ସେମାନେ ଦାବି କରିଛନ୍। ସେନ୍ତା ବୋର୍ଡା ପଁଚେତ ଗୋଇକେଲା, ନୂଆପଡ଼ାରେ ବଡ଼ଭାରି ପିଇଲା ପାଏନ୍ ସମସିଆ ଦେଖାଦେଇଛେ। ଗୁରୁଜୁଙ୍ଗ ପଁଚେତର ଗୁରୁଜୁଙ୍ଗ, କର୍ଲାପିଟା, ଡୁମୁରିଆ ପଁଚେତର ପୁରୁଣାପଡ଼ା, ମିଡ଼ିଗୁଡ଼ା, ଚିକିଲି, ଲୋହରାଡ଼ାବ୍ରୀ ଗାଁରେ ବି ପିଇଲା ପାଏନ୍ ସମସିଆ ସଂଗେ ଲୋକ ଯୁଝୁଛନ୍। ସୂଚନା ଅନ୍‌ସାରେ, ଅଂଚଲର ୧୧ଟା ପଁଚେତ୍‌ର ୧୮୬ଟା ନଲ୍‌ଚୁଆଁ ଅଚଲ ହେଇ ପଡ଼ିରହିଛେ। ସେନ୍‌ତା ୫୮ଟା ନଲ୍‌ଚୁଆଁରୁ ଫ୍ଲୋରାଇଡ ମିଶା ପାଏନ୍ ବାହାରବାର ଲାଗି ଲୋକ୍ ସେ ପାଏନ୍ ବେଭାର ନାଇଁକରବାର। ଇ ସମିଆରେ ଅଚଲ ନଲ୍‌ଚୁଆଁମାନକୁ ଯେତେ ଜଲଦି ହେବା ସଚଲ କରବାର ସଂଗେ ଭିନେ ଭିନେ ପଁଚେତ୍‌ର ଗାଁମାନକୁ ପିଇଲା ପାଏନ୍‌ର ବେବସ୍‌ତା କରବାକେ ଜନ ସାଧାରନରେ ଦାବି ହେଉଛେ।



ବୋର୍ଡ଼ା ଅଂଚଲରେ ମହିଳାମାନେ ପାଏନ୍ ଲାଗି ଗରିଆ, ବାଲଟି ଧରି ଟାକିଛନ୍।



ଏ ଜନ୍ମରେ ସୁକର୍ମ କଲେ ଆଗାମୀ ଜନ୍ମରେ ଉଚ୍ଚତର ଜୀବନ ମିଳେ।
- ଗୌତମ ବୁଦ୍ଧ

## ସଂକ୍ଷେପରେ

### ରନ୍ଧା ଦେଶୀମଦ ଜବତ,୨ ଗିରଫ

**ଦେଓଗାଁ,୧୧।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ଓ ଚନ୍ଦ୍ରପୁରରେ ତୁଷୁରା ଅବକାରୀ ବିଭାଗ ପକ୍ଷରୁ ବେଆଇନ ମଦ କୁଟିଆଙ୍କ ଉପରେ ଶନିବାର ଅପରାହ୍ଣରେ ଚଢ଼ାଉ କରାଯାଇଥିଲା। ଏଥିରେ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଦେଓଗାଁ କନ୍ଧପାଲିର ବୃନ୍ଦାବନ ମାହାଡି ଓ ଚନ୍ଦ୍ରପୁରର ତୀର୍ଥରାଜ କୁମ୍ଭାର। ବୃନ୍ଦାବନଙ୍କଠାରୁ ୧୦ ଲିଟର ଦେଶୀ ରନ୍ଧାମଦ ଏବଂ ତୀର୍ଥରାଜଙ୍କଠାରୁ ୯ ଲିଟର ୬ଶହ ମିଲି ବିଦେଶୀ ମଦ ଜବତ ହୋଇଥିଲା। ଏ ସଂକ୍ରାନ୍ତରେ ଦୁଇଟି ମାମଲା ରୁଜୁ ହୋଇଥିବା ତୁଷୁରା ଅବକାରୀ ଅଧିକାରୀ ଶଶିକାନ୍ତ ଦତ୍ତା ସୂଚନା ଦେଇଛନ୍ତି। ଅବକାରୀ ଏସଆଇ ଜୟନାରାୟଣ ଯୋଷୀଙ୍କ ନେତୃତ୍ୱରେ ଚଢାଉ କରାଯାଇଥିଲା।

### ଫନୀ ପୀଡ଼ିତଙ୍କ ପାଇଁ ପାଣ୍ଠି ସଂଗ୍ରହ

**ସୋନପୁର,୧୧।୫(ନି.ପ୍ର.):** ବାତ୍ୟା ଫନୀ ପ୍ରଭାବରେ ହଜାର ହଜାର ଘରଦ୍ୱାର ଭାଙ୍ଗି ନଷ୍ଟ ହୋଇଥିବା ବେଳେ ପାଡିତମାନେ ଏବେ ସରକାରୀ ଓ ବେସରକାରୀ ସଂସ୍ଥା ସହାୟତାକୁ ଚାହିଁ ବସିଛନ୍ତି। ଏହି ପରିପ୍ରେକ୍ଷୀରେ ସୁବର୍ଣ୍ଣପୁର ବସ୍ତି ବାସିନ୍ଦା ସୁରକ୍ଷା ମଞ୍ଚ ପକ୍ଷରୁ ବାତ୍ୟା ପ୍ରଭାବିତ ଲୋକଙ୍କ ପାଇଁ ପାଣ୍ଠି ସଂଗ୍ରହ କରିଛନ୍ତି। ମଞ୍ଚର କର୍ମକର୍ତ୍ତା ସହରର ବ୍ୟବସାୟୀ ଓ ଜନସାଧାରଣ ମାନଙ୍କଠାରୁ ଫନୀ ପୀଡିତଙ୍କ ପାଇଁ ବୁଲିବୁଲି ପାଣ୍ଠି ସଂଗ୍ରହ କରିଛନ୍ତି। ଏହି କାର୍ଯ୍ୟରେ ଜ୍ୟୋତିର୍ମୟୀ ରଥ, ଚମ୍ପା ମେହେର, ନିନି ହଂସ, ନୁର ବେଗମ, ମଞ୍ଜୁଲତା ନାୟକ, ସିଆରନ ବିବି ପ୍ରମୁଖ ସାମିଲ ଥିଲେ।

# ବଢୁଛି ତାପମାତ୍ରା, ଜନଜୀବନ ଅସ୍ତବ୍ୟସ୍ତ



ପ୍ରଚଣ୍ଡ ଗରମରେ ପୂର୍ବାହ୍ନ ୧୧ଟାରେ ବଲାଙ୍ଗୀରର ବ୍ୟସ୍ତବହୁଳ ଭାଗୀରଥି ଛକରେ ଲୋକଙ୍କ ଯାତାୟାତ କମିଯାଇଛି।

**ବଲାଙ୍ଗୀର ଅଫିସ, ୧୧।୫**

- ରାସ୍ତାଘାଟ ଶୂନଶାନ
- କନ୍ଧକଟା ଗଲାଣି ଶୁଖି, ବିଜୁଳି ଖେଳୁଛି ଲୁଚକାଳି ଖେଳ
- ପଶୁପକ୍ଷୀଙ୍କ ଅବସ୍ଥା ବି ସାଂଘାତିକ

ଫନୀ ପ୍ରଭାବରେ ଦୁଇଦିନିଆ ମେଘୁଆ ପାଗ ହଟିବା ପରଠାରୁ ପ୍ରାୟ ଏକ ସପ୍ତାହରୁ ଊର୍ଦ୍ଧ୍ୱ ହେଲା ବଲାଙ୍ଗୀର ଜିଲାରେ ଅଗ୍ନିବର୍ଷା ହେଉଛି। ତାପମାତ୍ରା ୪୫ ଡିଗ୍ରୀ ଟପିଯିବା ପରେ ଲୋକଙ୍କ ଅବସ୍ଥା ବେହାଲ ହୋଇପଡିଲାଣି। ଶୁକ୍ରବାର ଟିଟିଲାଗଡରେ ରାଜ୍ୟର ସର୍ବୋଚ୍ଚ ୪୫.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ବଲାଙ୍ଗୀରରେ ଶୁକ୍ରବାର ୪୫ ଡିଗ୍ରୀ ତାପମାତ୍ର ରେକର୍ଡ କରାଯାଇଥିଲା। ଶନିବାର ଟିଟିଲାଗଡର ପାରଦ ୪୪.୬ ଓ ବଲାଙ୍ଗୀରରେ ୪୪.୫ ଡିଗ୍ରୀ ଛୁଇଁଛି। ଗତ ଏକ ସପ୍ତାହ ଧରି ତାପମାତ୍ର ୪୫ ଡିଗ୍ରୀ ପାଖାପାଖି ରହୁଥିବାରୁ ଜିଲାରେ ଦିନ ୧୧ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅଘୋଷିତ କର୍ଫ୍ୟୁ ଭଳି ସ୍ଥିତି ଲାଗି ରହିଛି। ରାସ୍ତାଘାଟ ଶୂନଶାନ୍ ହୋଇପଡୁଛି। ଲୋକେ ଟାଣ ଖରାକୁ ଡରି ପୂର୍ବାହ୍ନ ୧୦ଟାରୁ ଘରୁ ବାହାରିବାକୁ ଭୟ କରୁଛନ୍ତି। ଏଭଳି ସମୟରେ ଅଘୋଷିତ ବିଦ୍ୟୁତ୍ କାଟ ଓ ପାନୀୟ ଜଳସମସ୍ୟା ପରିସ୍ଥିତିକୁ ଜଟିଳ କରିଦେଇଛି।

ଗ୍ରୀଷ୍ମ ପ୍ରବାହର ପ୍ରଭାବ ଦୋକାନ ବଜାରର କାରବାର ଉପରେ ପଡୁଛି। ପୂର୍ବାହ୍ନ ୧୦ଟାରୁ ଡେଲିମାର୍କେଟ ଛିନା ହୋଇପଡୁଛି। ସକାଳ ସାଢ଼େ ୫ଟାରୁ ବେପାରୀମାନେ ପନିପରିବା ଆଣି ୧୦ଟା ସୁଦ୍ଧା ଘରକୁ ଫେରିବାର ଉପକ୍ରମ କରୁଛନ୍ତି। ଅପରାହ୍ଣ ସାଢ଼େ ୫ଟା ପରେ ଯାଇ ପୁଣି ଥରେ ଡେଲିମାର୍କେଟରେ ଭିଡ ଜମିଛି। ବଲାଙ୍ଗୀର ଜନସ୍ୱାସ୍ଥ୍ୟ ବିଭାଗ ଓ ମ୍ୟୁନିସିପାଲିଟି ପକ୍ଷରୁ ପାନୀୟ ଜଳଯୋଗାଣ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଏବେ ସହରର ବିଭିନ୍ନ ୱାର୍ଡରେ ପାନୀୟ ଜଳଯୋଗାଣ ବ୍ୟାହତ ହୋଇପଡିଛି। ଫଳରେ ଲୋକେ ପିଇବା ପାଣି ନପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ଏକ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି ବଲାଙ୍ଗୀର ଜିଲାରେ ଅଗ୍ନିବର୍ଷା ପରିସ୍ଥିତି ଜାରି ରହିଥିବାରୁ ଏଠାରେ ଅଂଶୁଘାତ ଭୟ ବୃଦ୍ଧି ପାଇଛି। ଅସ୍ୱାଭାବିକ ତାପମାତ୍ରା ବୃଦ୍ଧି ଯୋଗୁଁ କେବଳ ମଣିଷ ନୁହନ୍ତି ପଶୁପକ୍ଷୀଙ୍କ ଉପରେ ମଧ୍ୟ ଏହାର ପ୍ରଭାବ ଦେଖାଯାଉଛି। ବିଭିନ୍ନ ଗାଁର ବନ୍ଧ, କଟାରେ ପାଣି ନଥିବାରୁ ବିଶେଷକରି ଗୃହପାଳିତ ପଶୁଙ୍କ ଅବସ୍ଥା ସାଂଘାତିକ ହୋଇପଡିଲାଣି। ଏଭଳି ସ୍ଥିତିରେ ଲୋକଙ୍କୁ ପାଣି ଯୋଗାଇବା ଏବେ ପ୍ରଶାସନ ପାଇଁ ବଡ ଆହ୍ୱାନ ହୋଇ ଉଭାହୋଇଛି।

### ଏମାନେ ଯାହା କୁହନ୍ତି...



ପ୍ରଚଣ୍ଡ ଗରମ ଯୋଗୁଁ ଡେଲି ମାର୍କେଟରେ ବେପାର ଢ଼ିଲା ହୋଇପଡିଛି। ଟାଣ ଖରାରେ ଲୋକେ ବଜାର ଆସିବାକୁ ବି ଡରୁଛନ୍ତି। ଗୋଟିଏ ପଟେ ପନିପରିବା ଯୋଗାଣ କମୁଛି ଓ ଅନ୍ୟ ପଟେ ଦର ମଧ୍ୟ ଚଢ଼ା ରହୁଥିବାରୁ ବେପାର ମାନ୍ଦା ହୋଇପଡିଛି।
**-ଘୁଣ୍ଟୁ ବକୁଲ, ପରିବା ବିକାଳି, ଡେଲିମାର୍କେଟ**



ଜରୁରୀ କାମ ପାଇଁ ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ଆସିଥିଲି। ଦିନ ୧୨ଟାରେ ଘରୁ ବାହାରି ଆସିବାମାନେ ଅଂଶୁଘାତକୁ ଡାକିବା ଭଳି ପରିସ୍ଥିତି। ଅଗ୍ନିବର୍ଷା ହେଉଛି, ମୁହଁ, ହାତ ପୋଡିଯାଉଛି।
**-ବିଦ୍ୟୁତ୍ ରଞ୍ଜନ କୁମାର, କଲେଜ ଛକ, ବଲାଙ୍ଗୀର**



ସମଗ୍ର ଜିଲାରେ ଦୀର୍ଘବର୍ଷ ହେଲା ଗ୍ରୀଷ୍ମ ପ୍ରକୋପ ଦେଖାଯାଉଛି। ଏସବୁକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ଅଂଶୁଘାତ ନିରୋଧୀ ସାମୟିକ ଗ୍ରୀଷ୍ମ ଆଶ୍ରୟସ୍ଥଳୀ ନିର୍ମାଣ ହେବା କଥା। ସେଠାରେ ଲୋକଙ୍କ ପାଇଁ ସର୍ବନିମ୍ନ ସୁବିଧା ରହିବା ଜରୁରୀ ମନେ ହେଉଛି।
**-ଆକୁଳ ବେହେରା, ସାମାଜିକ କର୍ମୀ**



ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ପାନୀୟ ଜଳସଙ୍କଟ ଯୋଗୁଁ ନାହିଁ ନ ଥିବା ଅସୁବିଧା ଭୋଗୁଛୁ। ଏବେ ଟ୍ୟାଙ୍କର ଯୋଗେ ଦିନକୁ ଥରେ ପାଣି ଯୋଗାଣ ହେଉଥିଲେ ବି ଏହା ପଡାବାସୀଙ୍କ ଆବଶ୍ୟକତାକୁ ପୂରଣ କରିପାରୁନାହିଁ।
**-ଦୀପାଞ୍ଜଳି ଦୀପ, ବିଷ୍ଣୁମୁଣ୍ଡା, ବଲାଙ୍ଗୀର**



### କେରିରେ ଅଧିକ କେନ୍ଦୁପତ୍ର ନେବାକୁ ନେଇ ଅସନ୍ତୋଷ

**ଲୋଇସିଂହା,୧୧।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁଢୀପଦର ପଞ୍ଚାୟତ ଅଧୀନ ନେଗିପାଲି ଗ୍ରାମର କେନ୍ଦୁପତ୍ର ଫଡିରେ କେରି ପିଛା ଅଧିକ ପତ୍ର ନିଆଯାଉଛି। ଏହାଫଳରେ ତୋଳାଳି ଶୋଷଣର ଶିକାର ହେଉଛନ୍ତି। ନେଗିପାଲି ଗାଁରେ ରହିଛି କେନ୍ଦୁପତ୍ର ଫଡି ଘରି। ଗାଁର ଅଧିକାଂଶ ପରିବାର କେନ୍ଦୁପତ୍ର ସଂଗ୍ରହରେ ନିୟୋଜିତ ରହିଥାନ୍ତି। ଭଲ ରୋଜଗାର ଆଶାରେ ପରିବାର ସଦସ୍ୟ ସକାଳୁ ପୂର୍ବାହ୍ନ ପର୍ଯ୍ୟନ୍ତ ଜଙ୍ଗଲକୁ ଯାଇ କେନ୍ଦୁପତ୍ର ସଂଗ୍ରହ କରଥାନ୍ତି। ମଧ୍ୟାହ୍ନରେ କେରି ବାନ୍ଧି ଅପରାହ୍ଣରେ ଫଡି ଘରକୁ ଦେଇଥାନ୍ତି। ଚଳିତ ବର୍ଷ କାଳବୈଶାଖୀ, କରାମାଡ ଓ ଅଦିନିଆ ବର୍ଷା ଫଳରେ କେନ୍ଦୁପତ୍ର ଅମଳ କମିବା ଆଶଙ୍କା ରହିଛି। ଏଭଳି ସ୍ଥିତିରେ କର୍ମଚାରୀମାନେ କେରି ପିଛା ୪ରୁ ୫ପତ୍ର ଅଧିକ ନେଉଛନ୍ତି। ତୋଳାଳିମାନେ ଏହର ପ୍ରତିବାଦ କଲେ ଫଟା ଓ ମାତା ପତ୍ର ଆଣୁଥିବାରୁ ଅଧିକ ଦେବାକୁ ବାଧ୍ୟ ବୋଲି କହୁଛନ୍ତି। ତୋଳାଳି କେରିକୁ କର୍ମଚାରୀ ବାଟ ମାରଣ କରୁଥିବା ଅଭିଯୋଗ ହୋଇଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବିହେଉଛି।



ଟିଟିଲାଗଡ ଥାନା ପରିସରରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୋଲିସ ବାଇକ ଚୋରି ର୍ୟାକେଟର ଦୁଇ ଅଭିଯୁକ୍ତଙ୍କୁ ହାଜର କରିଛି।

### ମୃତ୍ୟୁଫାଶ ନେଲା ୬ ଗୋରୁଙ୍କ ଜୀବନ

**ବୀରମହାରାଜପୁର/ଉଲୁଣ୍ଡା, ୧୧।୫(ଡି.ଏନ୍.ଏ.)**

ଜଙ୍ଗଲ ମଧ୍ୟରେ ବନ୍ୟପ୍ରାଣୀ ଶିକାର ପାଇଁ ଶିକାରୀଙ୍କ ଦ୍ୱାରା ବସା ଯାଇଥିବା ମୃତ୍ୟୁଫାଶରେ ପଡି ୬ ଗୋରୁ ଜୀବନ ହରାଇଛନ୍ତି। ଶନିବାର ଏଭଳି ଅଭାବନୀୟ ଖବର ଆସିଛି ବୀରମହାରାଜପୁର ଥାନା ଅଧିନ କୋଟସମଲାଇ ପଞ୍ଚାୟତର ଖଜୁରିଆପାଲି ଗାଁରୁ।

### ରସାୟନ ବିଜ୍ଞାନ ଶେଷବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟକାଳୀନ ସଭା

**ବେଲପଡ଼ା,୧୧।୫(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବେଲପଡ଼ାସ୍ଥିତ ପଞ୍ଚାୟତ ସମିତି ମହାବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅମୀୟ କୁମାର ବାବୁଙ୍କ ଅଧକ୍ଷତାରେ ଯୁକ୍ତ ୩ ଶେଷବର୍ଷ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧକ୍ଷ ନବୀନ କୁମାର ମେହେର ମୁଖ୍ୟ ଅତିଥି, ମନୋଜ ମହାଖୁଡ଼ ମୁଖ୍ୟବକ୍ତା, ସୁଦାମ ଚନ୍ଦ୍ର ମହାପାତ୍ର ସମ୍ମାନିତ ବକ୍ତାଭାବେ ଯୋଗଦେଇ ବିଦ୍ୟାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶେଷରେ ଅଧ୍ୟାପକ ରମାକାନ୍ତ ପୁଟେଲ ଧନ୍ୟବାଦ ଅର୍ପଣ କରିଥିଲେ।



ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅଧ୍ୟାପକ ଓ ଛାତ୍ରୀଛାତ୍ର।

### ବାଇକ୍ ଚୋରି ର୍ୟାକେଟର ପର୍ଦ୍ଦାଫାଶ

## ୯ ବାଇକ୍ ଉଦ୍ଧାର, ୨ ଗିରଫ

**ଟିଟିଲାଗଡ଼, ୧୧।୫ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ଅଞ୍ଚଳରେ ସକ୍ରିୟ ଥିବା ଏକ ବାଇକ ଚୋରି ର୍ୟାକେଟର ପର୍ଦ୍ଦାଫାଶ କରିଛି ସ୍ଥାନୀୟ ପୋଲିସ। ଏ ନେଇ ଟିଟିଲାଗଡ ଏସଡିପିଓ ସୁରେନ୍ଦ୍ର ନାରାୟଣ ଶତପଥୀ ଶନିବାର ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ ଗତ ୭ ତାରିଖ ପୂର୍ବାହ୍ନରେ ଦୁଇ ଜଣ ଚୋର ସହରର ଯଶ ଜସୱାଲଙ୍କ ବାଇକ ଚୋରି କରିନେଉଥିବା ସମୟରେ ସ୍ଥାନୀୟ ଯୁବକ ତଥା ପୋଲିସ ସେମାନଙ୍କୁ କାବୁ କରିଥିଲେ। ସେମାନେ ହେଲେ ମୁରିବାହାଲ ଥାନା ଅନ୍ତର୍ଗତ ଜାନିପଡାର ଆତ୍ମା ପରାଭୋଇ ଏବଂ କଳାହାଣ୍ଡି ଜିଲା ମୋହନଗିରି ଅଞ୍ଚଳର ଓକିଲ ବୁଡେକ। ଉଭୟ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁସାରେ ଓକିଲ ମୋହନଗିରିରୁ ଆସି ନିଜ ଶ୍ୱଶୁର ଘର ମୁରିବାହାଲ ଥାନା ଅନ୍ତର୍ଗତ ମାଲିସିରାରେ ରହୁଛନ୍ତି। ଦୀର୍ଘଦିନ ଧରି ସେମାନେ ଏଭଳି ବାଇକ ଚୋରି ଜାରି ରଖିଥିଲେ। ଉଭୟେ ୯ଟି ବାଇକ ଚୋରିରେ ସମ୍ପୃକ୍ତି ଥିବା ପୋଲିସ କହିଛି। ପୋଲିସ ଏ ନେଇ ଦଫା ୩୭୯, ୩୪ରେ ଏକ ମାମଲା( ନଂ. ୯୩/୧୯) ରୁଜୁ ବିଭିନ୍ନ ସ୍ଥାନରେ ଚଢାଉ କରି ଚୋରି ବାଇକଗୁଡିକ ଜବତ କରିଥିଲା। ଚୋରି ବାଇକଗୁଡିକ ଟିଟିଲାଗଡ, ବଲାଙ୍ଗୀର ତଥା ବରଗଡ ଅଞ୍ଚଳର ବୋଲି ଜଣାପଡିଛି। କଳାହାଣ୍ଡି ଜିଲାରେ ୨୧ ବାଇକ ଏବଂ ବଲାଙ୍ଗୀର ଜିଲାରେ ବିଭିନ୍ନ ଚୋରି ମାମଲା ନେଇ ଗିରଫ ସଂକ୍ରାନ୍ତରେ ସେ ସବୁ ଅଞ୍ଚଳର ଥାନାକୁ ସୂଚିତ କରାଯାଇଥିବା ଏସଡିପିଓ ଶତପଥୀ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ।

- ପାଣି ପାଇଁ ଡହଳବିକଳ ତଳିପଡ଼ାବାସୀ

# ରାତି ଉଜାଗର ରହି ପାଣି ସଂଗ୍ରହ

**ଲାଠୋର, ୧୧।୫ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ତଳିପଡା ଓ କଲୋନିପଡାବାସୀ ଏବେ ଘୋର ପାନୀୟ ଜଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୁଇୱାର୍ଡ ବିଶିଷ୍ଟ ଉକ୍ତ ପଡାରେ ଲୋକସଂଖ୍ୟା ଦୁଇ ହଜାରରୁ ଊର୍ଦ୍ଧ୍ୱ। ପଡାରେ ଥିବା ତିନିଟି ଛୋଟିଆ ପୋଖରୀ ବର୍ତ୍ତମାନ ଶୁଷ୍କ ପ୍ରାୟ ହୋଇ ପଡି ରହିଛି। ୫ଟି ଯାକ ନଳକୂପରୁ ଆବଶ୍ୟକ ମୁତାବକ ପାଣି ବାହାରୁ ନାହିଁ। ଏହି ପରିସ୍ଥିତିରେ ପଡାରେ ପାଣି ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ରାତି ପାହିଲେ ଲୋକେ ପାଣି ଚିନ୍ତାରେ ସନ୍ତୁଳି ହେଉଛନ୍ତି। ଦିନତମାମ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହୁଥିବାରୁ ପଡାର ମହିଳାମାନେ ରାତି ସାରା ଉଜାଗର ରହି ନଳକୂପରୁ ପାଣି ସଂଗ୍ରହ କରୁଥିବା ଦେଖିବାକୁ ମିଳୁଛି। ପାଣି ଅଭାବରୁ ଉକ୍ତ ନାଳରେ ପଡାବାସୀ ସ୍ନାନଶୌଚ କାର୍ଯ୍ୟ ବି ସମ୍ପାଦନ କରୁଛନ୍ତି। ଏବେ ସେହି ନାଳ ପାଣି କମି ଯାଇ ଗୋଳିଆ ହୋଇଯାଇଛି। ଅନ୍ୟ କୌଣସି ଉପାୟ ନ ଥିବାରୁ ଲୋକେ ବାଧ ହୋଇ ନାଳର ଦୂଷିତ ପାଣିକୁ ବ୍ୟବହାର କରିବାକୁ ଏକରକମ ବାଧ୍ୟ ହେଉଛନ୍ତି। ଅପରପକ୍ଷରେ ପାନୀୟ ଜଳର କୌଣସି ସୁବ୍ୟବସ୍ଥା ନ ଥିବାରୁ ପଡାର କେତେକ ମହିଳା ପିଲାଛୁଆଙ୍କୁ ଧରି ବାପ ଘରକୁ ଚାଲି ଯାଇଥିବା ଦେଖାଦେଇଛି।

ତଳିପଡା ଓ କଲୋନିପଡାବାସୀ ପାନୀୟ ଜଳ ସଙ୍କଟର ସ୍ଥାୟୀ ସମାଧାନ ଉଦ୍ଦେଶ୍ୟରେ ତତ୍କାଳୀନ ଜିଲାପାଳ ଡ. ଏମ.ମୁଥୁ କୁମାର, ଓଡିଶା ମୁଖ୍ୟ ଶାସନ ସଚିବ, ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ଭାରତ ସରକାରଙ୍କ ପାନୀୟ ଜଳ ମନ୍ତ୍ରଣାଳୟକୁ ଅବଗତ କରିଥିଲେ। ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜିଲାପାଳ ଏବଂ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଦ୍ୱାରା ପତ୍ର ସଂଖ୍ୟା ୨୭୮/ତା୨୧।୩।୨୦୧୫ରିଖରେ ୬୮.୭୦ ଲକ୍ଷ ଟଙ୍କାର ଅଟକଳ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କୁ ଦେଇଥିଲେ। ହେଲେ କାମରେ ବିଳମ୍ବ ହେବା ପରେ



ନାଳରେ ଆଣ୍ଠୁଏ ପାଣିରେ ଗାଧୋଉଛନ୍ତି ତଳିପଡାବାସୀ।

ସ୍ୱତନ୍ତ୍ର ଆରପିଡବ୍ଲୁଏସ ସ୍କିମରେ ୬୨ଲକ୍ଷ ଟଙ୍କାର ଏକ ପାନୀୟ ଜଳଯୋଗାଣ ପ୍ରକଳ୍ପ ରାଜ୍ୟ ସରକାର ମଞ୍ଜୁର କରି ଜିଲାପାଳଙ୍କୁ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ତାହା ପଡାବାସୀଙ୍କ ପାଇଁ ସାତସପନ ହୋଇ ରହିଛି। ନିକଟ ଅତୀତରେ ପଡାବାସୀ ଗରା ମଠିଆ ଧରି ପାଣି ପାଇଁ ଆନ୍ଦୋଳନ କରିଥିଲେ। ଉଭୟ ବ୍ଲକ ଏବଂ ପଞ୍ଚାୟତ ପ୍ରଶାସନ ପଡାର ଭଦ୍ରବ୍ୟକ୍ତିମାନଙ୍କୁ ନେଇ ଲାଠୋର ପଞ୍ଚାୟତ କାର୍ଯ୍ୟାଳୟଠାରେ ଗତ ଫେବୃୟାରୀ ୧୮ତାରିଖ ଦିନ ଏକ ବୈଠକ କରିଥିଲେ। ଆଲୋଚନା ପରେ ଗୋଟିଏ ଗଭୀର ନଳକୂପ ଖୋଳି ମୋଟର ମାଧ୍ୟମରେ ପଡାବାସୀଙ୍କୁ ଜଳ ଯୋଗାଣ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ହେଲେ ଇତିମଧ୍ୟରେ ତିନିମାସ ପୁରିବାକୁ ଯାଉଥିଲେ ମଧ୍ୟ ପାଣି ସମସ୍ୟାର ସମାଧାନ ହୋଇ ପାରିଲା ନାହିଁ। ବର୍ତ୍ତମାନ ସ୍ଥିତିରେ ପଡାବାସୀଙ୍କୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଣ କରା ନ ଗଲେ ପରିସ୍ଥିତି ସଙ୍ଗୀନ ହୋଇ ପଡିବ ବୋଲି ପଡାର ମିନିକେତନ ଠାକୁର, ମହେନ୍ଦ୍ର ଭଇଁଷାଲ, ମହେନ୍ଦ୍ର ବେମାଲ, ଜୟସିଂ ଶବର, ଭୋଦ୍ର ନାଗ, ନବିନ ନାଗ, ଗିରିଧାରୀ ନାଗ, ସାଧୁ ନାଗ, ଚିତ୍ତରଞ୍ଜନ ଭଇଁଷାଲ, କିର୍ତ୍ତନ ଭଇଁଷାଲ, ସତ୍ୟନାରାୟଣ ନାଏକ, ମୁକେଶ ଖର୍ସେଲ, ଭୁବନ ଭଇଁଷାଲ, ୱାର୍ଡମେମ୍ବର ମହନ ନାଗ ପ୍ରମୁଖ କହିଛନ୍ତି। ଏ ନେଇ ଲାଠୋର ସରପଞ୍ଚ ପ୍ରବୀଣ କୁମାର ଅଗ୍ରୱାଲଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ପାଞ୍ଚଲକ୍ଷ ଟଙ୍କାର ପ୍ରକଳ୍ପ ଅନୁମୋଦନ ହୋଇଯାଇଛି। ବର୍ତ୍ତମାନ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ କାର୍ଯ୍ୟ କରାଯାଇ ପାରୁନାହିଁ। ପଡାବାସୀଙ୍କୁ ଯଥାଶୀଘ୍ର ଟ୍ୟାଙ୍କର ଯୋଗେ ଜଳଯୋଗାଣ କରାଯିବ।

## ଫଟୋରେ ଖବର








ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତୁଡାପାଲି ଓ ବନ୍ଧପଡା ଅଞ୍ଚଳର ବେପାରୀ ଖରାଦିନିଆ ଫଳ କେନ୍ଦୁ ଓ ଖଜୁର ବିକ୍ରି କରୁଛନ୍ତି (ବାମ)। ୪୫ ଡିଗ୍ରୀ ଖରାରୁ ଲୋକେ ନିସ୍ତାର ପାଇବା ପାଇଁ ମୁହଁରେ ଗାମୁଛା ଘୋଡାଇ ହୋଇ ଯାଉଛନ୍ତି (ମଝି)। ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ଆବର୍ଜନା ଥିବା ଏକ ଟ୍ରାକ୍ଟର ଟ୍ରଲିକୁ ଦୁର୍ବୃତ୍ତ ପୋଡି ଦେଇଛନ୍ତି। ପାଖରେ ଥିବା ଡିଆରଟିବି ୱାର୍ଡ ଅଳ୍ପକେ ବର୍ତ୍ତି ଯାଇଛି। (ଫଟୋ-ସୁନୀଲ)।



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମ୍ମୁନ୍ନତ କରିପାରିବେ।

-ମଦନମୋହନ ମାଲବ୍ୟ



## ସଂକ୍ଷେପରେ

### ପାଣିପାଇପ୍ ଚୋରି ଘଟଣାରେ ୩ ଗିରଫ

ସୁନ୍ଦରଗଡ଼, ୧୧।୫ (ଡି.ଏନ୍.ଏ) ସହରରେ ଜଳଯୋଗାଣ ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ନୂତନ ପାଇପ୍ ବିଛା କାମ ଚାଲିଛି। ରାଣୀବଗିଚା ଷ୍ଟକୟାର୍ଡରୁ ଗତ ୩୦ ତାରିଖରେ ୫୦୦ମିଟର ପାଣିପାଇପ୍ ଚୋରି ଘଟଣାରେ ଟାଉନ ଥାନା ପୋଲିସ ୩ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ଚନ୍ଦନ ସାହୁ (୨୩), ସୂରଜେନ୍ ବାରା (୨୮) ଓ ଏମଡି ଇସ୍ତ୍ୟାର (୨୪)। ପୋଲିସ ଏମାନଙ୍କ ନିକଟରୁ ୨୯ ହଜାର ଟଙ୍କା, ଗୋଟିଏ କୁଲର ମେଶିନ୍, ଗୋଟିଏ ଡ୍ରିଲିଂ ମେଶିନ୍ ଓ ପାଇପ ଚୋରିରେ ବ୍ୟବହୃତ ଓଆର୧୬ଡି ୬୫୫୫ ନଂ ବିଶିଷ୍ଟ ଟ୍ରକ ଜବତ କରିଛି । ଗିରଫ ୩ଜଣଙ୍କ ମଧ୍ୟରୁ ଚନ୍ଦନ ଓ ସୂରଜେନ୍ ଜନସ୍ୱାସ୍ଥ୍ୟ ବିଭାଗରେ ଅସ୍ଥାୟୀ କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି।

### ବନ ବିଭାଗ ଫରେଷ୍ଟରଙ୍କ ପରଲୋକ

ବାଲିଶଙ୍କରା, ୧୧।୫ (ଡି.ଏନ.ଏ)- ବାଲିଶଙ୍କରା ବ୍ଲକର ଭଣ୍ଡାରିଶଙ୍କରା ଗ୍ରାମର ଜନ୍ମେଜୟ ଚିତା (୫୨)ଙ୍କ ଶନିବାର ଦେହାନ୍ତ ହୋଇଯାଇଛି। ସେ ଉକ୍ତ ଗ୍ରାମର ସମାଜସେବୀ ଓ ପରଉପକାରୀ, ମିଷ୍ଟଭାଷୀ ଭାବେ ସମସ୍ତଙ୍କର ଆଦର ପାତ୍ର ହୋଇ ପାରିଥିଲେ। ସେ ରାଉରକେଲା, ପାନପୋଷ ଡିଭିଜନରେ ବନ ବିଭାଗରେ କାର୍ଯ୍ୟରତ ଥିଲେ। କିଛି ଦିନ ହେବ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ହଠାତ୍ ଅଚେତ ହୋଇଯିବାରୁ ତାଙ୍କୁ କଟକ ବଡଡାକ୍ତରଖାନାକୁ ନେଉଥିବାବେଳେ ରାସ୍ତାରେ ତାଙ୍କର ପରଲୋକ ହୋଇଥିଲା। ତାଙ୍କର ବଡ ପୁଅ ରଜତ ଚିତା ମୁଖାଗ୍ନି ଦେଇଥିଲେ।

### ପୃଥକ ପୃଥକ ଦୁର୍ଘଟଣାରେ ତିନି ଆହତ

ଲହୁଣୀପଡା, ୧୧।୫ (ଡି.ଏନ.ଏ)- ଲହୁଣୀପଡା ଥାନା କଲେଇପୋଷ ସ୍କୁଲ ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ସେ ଲହୁଣୀପଡା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଓଡି ୧୪ ପି- ୮୫୦୫ ବାଇକରେ ଜଣେ ଯୁବତୀକୁ ବସାଇ ଲହୁଣୀପଡା ପଟୁ କଲେଇପୋଷ ପଟେ ଯାଉଥିବା ବେଳେ ବିପରିତ ଦିଗରୁ ଆସୁଥିବା ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ବାଇକ ଚାଳକ, ଯୁବତୀ ଜଣକ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଲହୁଣୀପଡା ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି। ଅନ୍ୟପକ୍ଷେ ବାଇକ ରାସ୍ତା ମଝିରେ ପଡିଥିବାରୁ ଉଭୟ ପାର୍ଶ୍ୱରେ ଗାଡିଗୁଡିକ ଅଟକି ଯାଇଛି। ଖବରପାଇ ଲହୁଣୀପଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସେହିଭଳି ରାଜାମୁଣ୍ଡାଠାରୁ ତୁମକଲା ରାସ୍ତାରେ ନିଜ ବାଇକରୁ ଖସିପଡି ଦୈନିକ ଯୁବକ ଆହତ ହୋଇଛି । ଆହତ ଯୁବକ ଲହଣୀପଡା ଥାନା ଅନ୍ତର୍ଗତ ସୁରୁପତଳା ଗ୍ରାମର ବିଜୟ କିଷାନ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ସେ ମଧ ଲହୁଣୀପଡା ଡାକ୍ତରଖାନାରେ ଚିକିତ୍ସିତ ହୋଇଥିବା ଜଣାଯାଇଛି।

# ଯୌତୁକ ସାମଗ୍ରୀ ଜବତ ବେଳେ ମାରପିଟ

■ ଦେଢ଼ଶାଶୁ ଆହତ, ଭଉଣୀ ଜ୍ୱାଇଁ ଫେରାର ■ ପୋଲିସ ସାଜିଲା ନୀରବଦ୍ରଷ୍ଟା

**ସମ୍ବଲପୁର/ବଣାଇଁ, ୧୧।୫ (ବ୍ୟୁରୋ/ସ୍ୱ.ପ୍ର.)**

ସୁନ୍ଦରଗଡ଼ ଜିଲା ବଣାଇଁ ଥାନା ଅନ୍ତର୍ଗତ ନରେନ୍ଦ୍ର ଗ୍ରାମରେ ଶନିବାର ଯୌତୁକ ସାମଗ୍ରୀ ଜବତ ବେଳେ ମାରପିଟ୍ ହୋଇଛି। ଝିଅର ବଡ଼ ଭଉଣୀଙ୍କୁ ଭଉଣୀ ଜ୍ୱାଇଁ ମାରପିଟ୍ କରି ଲହୁ ଲୁହାଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଯୁବତୀ ହେଲେ ସାଗରିକା ସାହୁ। ପୋଲିସ ଉପସ୍ଥିତିରେ ହିଁ ଏଭଳି ଘଟଣା ଘଟିଛି। ହେଲେ ପୋଲିସ ନୀରବଦ୍ରଷ୍ଟା ସାଜିଥିଲା ବୋଲି ସାଗରିକା କହିଛନ୍ତି। ସାଗରିକା ସମ୍ବଲପୁର ମହିଳା ଥାନାରେ କନଷ୍ଟେବଳ ଭାବେ କାମ କରନ୍ତି। ତାଙ୍କୁ ଆକ୍ରମଣ କରିଥିବା ପିତାମ୍ବର ସାହୁ ମଧ ଜଣେ ପୋଲିସ କର୍ମଚାରୀ । ସେ ସୁନ୍ଦରଗଡରେ କନଷ୍ଟେବଳ ଭାବେ କାର୍ଯ୍ୟରତ। ସାଗରିକାଙ୍କ ଅଭିଯୋଗକୁ ଆଧାର କରି ବଣାଇଁ ପୋଲିସ ଏକ ମାମଲା (ନଂ. ୫୩/୧୯) ରୁଜୁ କରିଛି। ବଣାଇ ଡାକ୍ତରଖାନାରେ ସାଗରିକାଙ୍କୁ ଭର୍ତ୍ତି କରାଯାଇଛି । ପିତାମ୍ବର ଫେରାର ହୋଇଯାଇଛନ୍ତି। ବଣାଇ ଥାନା ପୋଲିସ ପିତାମ୍ବରଙ୍କୁ ସହଯୋଗ କରୁଥିବା ସାଗରିକା ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ମାର୍ଚ୍ଚ ୬ ତାରିଖରେ ରେଢ଼ାଖୋଲ ଥାନା ଅନ୍ତର୍ଗତ ଗୋଗୁଆ ଗ୍ରାମର ପିକମ୍ବରୀଙ୍କୁ ପିତାମ୍ବର ବିବାହ କରିଥିଲେ। ହେଲେ ବିବାହ ଦିନଠାରୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ଭଲ ନ ଥିଲା । ପିକମ୍ବରୀଙ୍କୁ ସ୍ୱାମୀ ପିତାମ୍ବର ମାରପିଟ କରିବା ସହ ଗାଳିଗୁଲଜ କରୁଥିଲେ । ତେଣୁ ପିକମ୍ବରୀ ବିବାହର ବର୍ଷେ ମଧ୍ୟରେ ଅଧିକାଂଶ ସମୟ ବାପା ଘରେ ରହୁଥିଲେ । ବହୁଥର ଆପୋଷ ବୁଝାମଣା ହୋଇଥିଲେ ମଧ ସେମାନଙ୍କ ଦାମ୍ପତ୍ୟ ଜୀବନ ସଫଳ ହୋଇ ନ ଥିଲା । ପିକମ୍ବରୀଙ୍କ ପରିବାର ପକ୍ଷରୁ ସମ୍ବଲପୁର ମହିଳା ଥାନାରେ ଏ ନେଇ ଅଭିଯୋଗ କରାଯାଇଥିଲା। ମହିଳା ଥାନା ପୋଲିସ ମଧ ପିତାମ୍ବର ଓ ପିକମ୍ବରୀଙ୍କୁ ନେଇ କାଉନସେଲିଂ କରିଥିଲା । ହେଲେ ତାହା ମଧ ସଫଳ ହୋଇ ନ ଥିଲା । ଶେଷରେ ମହିଳା ଥାନାରେ ୪/୧୯ରେ ଏକ ମାମଲା ରୁଜୁ କରାଯାଇଥିଲା । ଶନିବାର ସମ୍ବଲପୁର ମହିଳା ଥାନା ପକ୍ଷରୁ ଏକ ଟିମ୍ କନ୍ୟା ପକ୍ଷର ଲୋକଙ୍କ ସହ ଯୌତୁକ ସାମଗ୍ରୀ ଜବତ କରି ଫେରାଇ ଆଣିବାକୁ ପିତାମ୍ବରଙ୍କ ଘରକୁ ଯାଇଥିଲେ। ସେଠାରେ ବଣାଇ ପୋଲିସ ମଧ ଉପସ୍ଥିତ ଥିଲା। କନ୍ୟା ଘରପକ୍ଷରୁ ପିକମ୍ବରୀଙ୍କ ବଡ ଭଉଣୀ ସାଗରିକା ସେଠାକୁ ଯାଇଥିଲେ। ହେଲେ ସେଠାରେ ଭଉଣୀ ଜ୍ୱାଇଁ ପିତାମ୍ବର ସାଗରିକାଙ୍କୁ ମାଡ ମାରି ଲହୁ ଲୁହାଣ କରିଥିଲେ। ଏହି ଘଟଣା ପରେ ପୋଲିସ ଯୌତୁକ ସାମଗ୍ରୀ ଜବତ କରିବାକୁ ସାହସ ଜୁଟାଇ ନ ପାରି ଫେରିବାକୁ ବାଧ ହୋଇଥିଲା ।



ଆହତ ସାଗରିକା ସାହୁ ।

## ଭାରିଯାନ ଚଳାଚଳ ଯୋଗୁ ଟ୍ରାଫିକ ଜାମ

**ହେମଗିର, ୧୧।୫ (ଡି.ଏନ.ଏ)**

ହେମଗିର ବ୍ଲକର କନିକା ଏକ ପ୍ରମୁଖ ସ୍ଥାନ। ଲୋକଙ୍କ ଯାତାୟତ ଯୋଗୁ ଅଧିକାଂଶ ସମୟରେ ମୁଖ୍ୟରାସ୍ତାରେ ଭିଡ ଲାଗିରହିଥାଏ। ହେମଗିର ବ୍ଲକର ଏକମାତ୍ର ରେଳୱେ ଷ୍ଟେସନ ଓ ବ୍ୟବସାୟର ପେଣ୍ଠସ୍ଥଳି। ତେଣୁ ଅଧିକାଂଶ ଲୋକ ବେଲପାହାଡ ଝାରସୁଗୁଡା ଓ ରାୟଗଡ, ରାୟପୁରକୁ ରେଳଯୋଗେ ଯାଆସ କରିଥାନ୍ତି। ବହୁ ଦିନରୁ ଏହା ଲାଗି ରହିଥିଲେ ହେଁ କନିକାର ମୁଖ୍ୟରାସ୍ତା ଅଣ ଓସାରିଆ ରହିଆସିଛି। ଏ ପର୍ଯ୍ୟନ୍ତ ତାହାର ବାଏପାସ ରାସ୍ତା ତିଆରି କରାଯାଇ ନାହିଁ । ଯଦିଓ ସେହି ରାସ୍ତାଟି ଭାରିଯାନ ଚଳିବା ପାଇଁ ଅନୁପଯୁକ୍ତ ଓ ବେଆଇନ। ତଥାପି ଦିନବେଳା ମଧ ଶହ ଶହ ପରିମାଣରେ ଯାଆସ କରୁଛନ୍ତି । ଗାଁ ମଝିରେ ଗୋଟାଏ ଭାରିଯାନ ପଶିଗଲେ ଆରପଟରୁ ବାଇକ ଆରୋହୀ ମଧ ପାରି ନଥାଏ। ଫଳରେ ଦୀର୍ଘ ସମୟ ଧରି ଟ୍ରାଫିକ ଜାମ ଲାଗି ରହିଥାଏ। ପ୍ରଶାସନକୁ ବାରମ୍ବାର ଗ୍ରାମବାସୀ ଅଭିଯୋଗ କଲେ ମଧ ପ୍ରତିକାର ନାହିଁ। ଗ୍ରାମ ମଝିରେ ଭାରିଯାନ ଚଳାଚଳ ବନ୍ଦ କରି ବାଏପାସ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



 କନିକା ଦେଇ ଭାରିଯାନ ଚଳାଚଳ କରୁଛି।

### ସୁନ୍ଦରଗଡ ନାଗରିକ କମିଟିର ବୈଠକ

## ବିଭିନ୍ନ ସମସ୍ୟା, ଦାବିନେଇ ଆଲୋଚନା

**ସୁନ୍ଦରଗଡ଼, ୧୧।୫ (ଡି.ଏନ୍.ଏ)**

ସୁନ୍ଦରଗଡ ନାଗରିକ କମିଟିର ସଭାପତି ଅଶୋକ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ସହରର ବିଭିନ୍ନ ସମସ୍ୟା ନେଇ ଏକ ବୈଠକ ସ୍ଥାନୀୟ ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନାଗରିକ କମିଟିର ସଦସ୍ୟମାନେ ଯୋଗଦେଇ ସହରର ବିଭିନ୍ନ ସମସ୍ୟାଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ। ଏହାର ତ୍ୱରିତ ସମାଧାନ ଦିଗରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବା ପାଇଁ ସ୍ଥିର ହୋଇଥିଲା । ଇବ୍ ନଦୀରେ ଗ୍ରୀଷ୍ମଋତୁରେ ଜଳକଷ୍ଟର ମୁକାବିଲା ପାଇଁ ବାଲିବନ୍ଧ ହୋଇଥିବା ବେଳେ ଅଦିନିଆ ବର୍ଷା ଯୋଗୁ ଏହା ଭାଙ୍ଗିଯାଇଛି। ତୁରନ୍ତ ନିର୍ମାଣ କରିବା ପାଇଁ ଦାବି କରାଯାଇଥିଲା। ସେହିପରି ବାଇପାସ୍‌ଠାରେ ନିର୍ମାଣ ହୋଇଥିବା ନୂତନ ବସଷ୍ଟାଣ୍ଡ ଏବଂ ସରକାରୀ କଲେଜ ପାଖରେ ହେଉଥିବା ବିଭିନ୍ନ ଆଇନଶୃଙ୍ଖଳା ପରିସ୍ଥିତିକୁ ଆଖି ଆଗରେ ରଖି ଦୁଇଟି ନୂତନ ପୋଲିସ ଫାଣ୍ଡିର ପ୍ରତିଷ୍ଠା ନେଇ ଦାବି ହୋଇଥିଲା । ଏତଦ୍ ବ୍ୟତୀତ ଅନ୍ୟ ଏକ ପ୍ରମୁଖ ତଥା ସହରବାସୀଙ୍କ ନ୍ୟାର୍ଯ୍ୟଦାବି ଇବ ନଦୀ ଉପରେ ପ୍ରସ୍ତାବିତ ବ୍ୟାରେଜ ନିର୍ମାଣ କାର୍ଯ୍ୟ କରାଯାଉ। ଏଦିଗରେ ଜିଲା ପ୍ରଶାସନ ତରଫରୁ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ନାଗରିକ କମିଟି ତରଫରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ବୈଠକ ପରେ ନାଗରିକ କମିଟିର ଏକ ପ୍ରତିନିଧି ଦଳ ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସ୍‌ପି ସବିତା ପଣ୍ଡାଙ୍କ ସହିତ ସାକ୍ଷାତ ଆଲୋଚନା କରି ସହରର ଆଇନଶୃଙ୍ଖଳା ପରିସ୍ଥିତି ଓ ନୂତନ ଫାଣ୍ଡି ପ୍ରତିଷ୍ଠା ସମ୍ପର୍କରେ ଆଲୋଚନା କରିଥିଲେ। ଏତଦ୍ ବ୍ୟତୀତ ଶବଦାହ ପାଇଁ ହେଉଥିବା ଜାଳେଣୀ କାଠର ଅଭାବ ନେଇ ଡିଏଫଓଙ୍କ ଅନୁପସ୍ଥିତିରେ ସହକାରୀ ବନସଂରକ୍ଷକ ଟଙ୍କଧର ବେହେରାଙ୍କ ସହିତ ଆଲୋଚନା କରିଥିଲେ। ଏହି ବୈଠକ ଓ ସାକ୍ଷାତ ଆଲୋଚନାବେଳେ ନାଗରିକ କମିଟିର କାର୍ଯ୍ୟକାରୀ ସଭାପତି ସିଦ୍ଧାନ୍ତ କୁମାର ପଣ୍ଡା, ଉପସଭାପତି ହରଜେନ୍ଦ୍ର ସିଂ, ସମ୍ପାଦକ ଧର୍ମେଶ କୁମାର ପଟେଲ, ସହସମ୍ପାଦକ ଅମିତାଭ ଯୋଶୀ, ପୂର୍ବତନ ସଭାପତି ବେଣୁମାଧବ ତ୍ରିପାଠୀ, କାଳୀପଦ ସାମଲ, ଦେବାଶୀଷ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ମାରୱାଡି ଯୁବ ମଞ୍ଚ ପକ୍ଷରୁ ରିଲିଫ୍ ସଂଗ୍ରହ

**ରାଉରକେଲା ଅଫିସ,୧୧।୫**

ମାରୱାଡି ଯୁବ ମଞ୍ଚ ପକ୍ଷରୁ ବାତ୍ୟା ଫନୀ ପ୍ରପୀଡ଼ିତଙ୍କ ସହାୟତା ନିମନ୍ତେ ରିଲିଫ୍ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ସଭାପତି ପ୍ରତୀକ କାୟଲଙ୍କ ନେତୃତ୍ୱରେ ଚୁଡ଼ା, ଗୁଡ଼, ବିସ୍କୁଟ ଓ ମହମବତି ଆଦି ଶୃଙ୍ଖଳା ଖାଦ୍ୟ ପ୍ୟାକେଟ କରାଯାଇ ପ୍ରଭାବିତ ଅଞ୍ଚଳକୁ ପଠାଯାଇଛି। ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରୁ ଏକ ଟ୍ରକ୍ ୧୧ଶହ ଖାଦ୍ୟ ପୁଡ଼ିଆ ନେଇ ବାତ୍ୟାଞ୍ଚଳକୁ ଯାଇଥିବା ସଂଗଠନ ପକ୍ଷରୁ କୁହାଯାଇଛି। କାର୍ଯ୍ୟକର୍ତ୍ତା ଦୀନେଶ ଅଗ୍ରୱାଲଙ୍କ ସଂଯୋଜନାରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

### ନାବାଳିକାଙ୍କ ମୃତ୍ୟୁ ଘଟଣାରେ ପୋଲିସର ଅପମୃତ୍ୟୁ ମାମଲା ରୁଜୁ

## ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ରୁଜୁ ହେଲା ହତ୍ୟା ମାମଲା

**ସୁନ୍ଦରଗଡ଼, ୧୧।୫ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ କରମଡିହିଠାରେ ଗତ ୨ବର୍ଷ ତଳେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟଣାରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ହାତବାନ୍ଧି ବସିଥିଲା। ମୃତା ନାବାଳିକାଙ୍କ ମା'ଙ୍କ ଅଭିଯୋଗ ଉପରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ମୃତା ଝିଅର ବାପାଙ୍କ ବିରୋଧରେ ଏକ ହତ୍ୟା ମାମଲା ରୁଜୁ କରି ପୁନଃ ତଦନ୍ତ ଆରମ୍ଭ କରିଛି। ପୋଲିସ ଏନେଇ ମୃତା ଝିଅଙ୍କ ବାପା ଦୁର୍ଗା ମାଧବ ଏକ୍କାଙ୍କ ବିରୋଧରେ ସଦର ଥାନାରେ ଏକ ହତ୍ୟା ମାମଲା (ନଂ. ୭୯ /୧୯) ରୁଜୁ କରିଛି। ମୃତା ନାବାଳିକାଙ୍କ ମାଆ ଅମିତା ବାର୍ଲାଙ୍କ ଗତ ୧୯୯୦ ରେ ତାଙ୍କ ନିଜ ଗାଆଁର ଦୁର୍ଗାମାଧବଙ୍କ ସହିତ ବିବାହ ହୋଇଥିଲା। ବିବାହର ୮ବର୍ଷ ମଧ୍ୟରେ ସେ ୨ଟି କନ୍ୟା ସନ୍ତାନର ଜନନୀ ହୋଇଥିଲେ। ୨ଟି ଝିଅ ଜନ୍ମ ହେବା ପରେ ଦୁର୍ଗାମାଧବ ତାଙ୍କ ମାଆଙ୍କ ସହ ମିଶି ସ୍ତ୍ରୀ ଅମିତାଙ୍କ ଉପରେ ବିଭିନ୍ନ ସମୟରେ ଶାରିରୀକ ଓ ମାନସିକ ନିର୍ଯାତନା ଦେଇଆସିଥିଲେ। ଫଳରେ ୨୦୦୬ରେ ଦୁର୍ଗାମାଧବ ଅମିତାଙ୍କୁ ଘରୁ ତଡି ଦେଇଥିଲେ। ଫଳରେ ଅମିତା ସେହିଦିନୁ ବାପଘରେ ରହିଆସୁଥିଲେ। ଦୁଇଝିଅ ବାପା ଦୁର୍ଗାମାଧବଙ୍କ ପଖରେ ରହୁଥିଲେ। ମାଆଙ୍କୁ ତାଙ୍କ ଠାରୁ ଦୂରେଇ ରଖିବା ନେଇ ବଡଝିଅ ପ୍ରିୟଙ୍କା ବିରୋଧ ଜରି ଆସୁଥିଲେ। ଫଳରେ ଦୁର୍ଗାମାଧବ ପ୍ରିୟଙ୍କାଙ୍କୁ ମଧ୍ୟ ମାଡଧର କରିଆସୁଥିଲେ। ଗତ ୨୦୧୭ ଜୁଲାଇ ୯ରେ ଦୁର୍ଗାମାଧବ ପ୍ରିୟଙ୍କାଙ୍କୁ ତଣ୍ଟିଚିପି ମାରି ଦେଇଥିବା ନେଇ ତାଙ୍କ ମାଆ ସଦର ଥାନାରେ ରିପୋର୍ଟ କରିଥିଲେ। ପୋଲିସ ସେତେବେଳେ ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ଏକ ଅପମୃତ୍ୟୁ ମାମଲା (ନଂ.୨୦/୧୭) ରୁଜୁ କରି ଚୂପ୍ ହୋଇ ବସିଥିଲେ। ପରବର୍ତ୍ତୀ ସମୟରେ ମୃତ ପ୍ରିୟଙ୍କାଙ୍କ ମାଆ ଗତ୨ବର୍ଷ ଧରି ଏସ୍‌ପିଙ୍କ ଠାରୁ ଡିଜି, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ମାନବ ଅଧିକାର କମିଶନଙ୍କ ନିକଟରେ ବାରମ୍ବାର ଗୁହାରି କରି ନିରାଶ ହୋଇଥିଲେ। ନ୍ୟାୟ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ।

## ରାସ୍ତାରେ ଭାସୁଛି ଆବର୍ଜନା ପାଣି

### ବ୍ୟବସାୟୀ, ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ

**ରାଉରକେଲା ଅଫିସ,୧୧।୫**

ସେକ୍ଟର-୨୨ ସୁପର ମାର୍କେଟ ପରିବା ହାଟ ମୁଖ୍ୟ ରାସ୍ତା ଉପରେ ଗତ କିଛିଦିନ ହେବ ଆବର୍ଜନା ପାଣି ଅନବରତ ବହିବାରେ ଲାଗିଛି। ଯାହାକୁ ନେଇ ଉଭୟ ବ୍ୟବସାୟୀ ଓ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ହାଟ ପାଖ ମୁଖ୍ୟ ପାଣି ନାଳ ସଫା କରାଯାଉ ନ ଥିବାରୁ ଏଭଳି ଅବସ୍ଥା ଉପୁଜିଥିବା କହିଛନ୍ତି ବ୍ୟବସାୟୀ। ଏହି ବର୍ଜ୍ୟ ଆବର୍ଜନା ପାଣି ମାର୍କେଟ ଭିତରକୁ ପ୍ରବେଶ କରୁଥିବା ବେଳେ ବ୍ୟବସାୟୀ ବସୁଥିବା ପିଣ୍ଡି ତଳେ ଲହଡ଼ି ମାରୁଛି। ଫଳରେ ହାଟ ଭିତରକୁ ପ୍ରବେଶ କରିବାକୁ ଗ୍ରାହକ ଇଚ୍ଛା ପ୍ରକାଶ କରୁନାହାନ୍ତି। କାରବାର ମାନ୍ଦା ପଡୁଛି। ରାସ୍ତା ପାର୍ଶ୍ୱରେ ବସି କାରବାର କରିବାକୁ ପରିବା ବ୍ୟବସାୟୀ ବାଧ ହେଉଛନ୍ତି। ଡହ ଡହ ଖରା ତାତିରେ ବସି ବେପାର କରୁଥିବା ବ୍ୟବସାୟୀଙ୍କ ସୁବିଧା ନିମନ୍ତେ କେହି ଦୃଷ୍ଟି ଦେଉ ନ ଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ନାଳ ପାଣି ହାଟ ଭିତରେ ଜମିରହିବା ସାଙ୍ଗକୁ ଏଥିରୁ ବାହାରୁଥିବା ଉତ୍କଟ ଦୁର୍ଗନ୍ଧ ପରିବେଶକୁ ଦୂଷିତ କରୁଛି। ଏ ଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



ସେକ୍ଟର-୨୨ ସୁପର ମାର୍କେଟ ପରିବା ହାଟ ରାସ୍ତାରେ ଭାସୁଛି ଆବର୍ଜନା ପାଣି।

### ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ବିକାଶ ନିମନ୍ତେ ଗ୍ରୀଷ୍ମକାଳୀନ ଶିବିର

**ସୁନ୍ଦରଗଡ଼, ୧୧।୫ (ଡି.ଏନ୍.ଏ.)**

ସ୍ଥାନୀୟ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ଛାତ୍ରୀ, ଛାତ୍ରଙ୍କ ବ୍ୟକ୍ତିତ୍ୱ ବିକାଶ ନିମନ୍ତେ ଗ୍ରୀଷ୍ମକାଳୀନ ଶିବିର ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଡା. ନାରାୟଣ ଚନ୍ଦ୍ର ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ବ୍ରହ୍ମକୁମାରୀ ସଂସ୍ଥା ପକ୍ଷରୁ ଆୟୋଜିତ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କେନ୍ଦ୍ର ସଞ୍ଚାଳିକା ବ୍ରହ୍ମକୁମାରୀ ଜ୍ୟୋତ୍ସ୍ନା ସଭାରେ ଅଧ୍ୟକ୍ଷତା କରିଥିଲେ। ଛାତ୍ରୀଛାତ୍ରଙ୍କର ବ୍ୟକ୍ତିତ୍ୱ ବିକାଶ ଦ୍ୱାରା ଏକ ଉତ୍ତମ ସମାଜ ଗଠନ ସମ୍ଭବ ବୋଲି ସେ କହିଥିଲେ। ରିଜର୍ଭ ପୋଲିସ ଇନ୍ସପେକ୍ଟର ବିକାଶ ହେମ୍ବ୍ରମ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ବ୍ରହ୍ମକୁମାରୀ ମୌସୁମୀ ଭିଡିଓ ଶୋ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ବିକାଶ ପାଇଁ ଆଧ୍ୟାତ୍ମିକ ଶିକ୍ଷା ପ୍ରଦାନ କରିଥିଲେ। ଏହି ଶିବିରରେ ବିଭିନ୍ନ ବିଦ୍ୟାଳୟର ପଞ୍ଚମରୁ ଦଶମ ପର୍ଯ୍ୟନ୍ତ ୬୫ ଛାତ୍ରୀଛାତ୍ର ଯୋଗ ଦେଇଛନ୍ତି।

## ଖରାରେ ସିଝୁଛନ୍ତି ସାପ୍ତାହିକ ହାଟର ଲୋକେ

**ଲେଫ୍ରିପଡା, ୧୧।୫(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ସାପ୍ତାହିକ ହାଟର ଜନସାଧାରଣ ପ୍ରଚଣ୍ଡ ଖରାରେ ସିଝୁଛନ୍ତି। ଏଠାରେ ସପ୍ତାହରେ ଥରେ ପ୍ରତି ଶନିବାର ହାଟ ବସିଥାଏ। ହାଟରେ ଅଞ୍ଚଳର ଜନସାଧାରଣ ବିଶେଷ ଉପକୃତ ପାଇଥାନ୍ତି। ଚାଷୀମାନେ ନିଜର ଉତ୍ପାଦିତ ପନିପରିବାକୁ ସାପ୍ତାହିକ ହାଟରେ ବିକ୍ରିକରି ପରିବାର ଭରଣପୋଷଣ କରନ୍ତି। ଅନ୍ୟପକ୍ଷରେ ଅଞ୍ଚଳର ତଥା ପଡୋଶୀ ଝାରସୁଗୁଡା ଜିଲାର ବେପାରୀମାନେ ହାଟରେ ବେଶ୍ ଦି ପଇସା ରୋଜଗାର କରିଆସୁଛନ୍ତି। ପନିପରିବା ସହ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ କିଣି ଜନସାଧାରଣ ଉପକୃତ ହୋଇଥାନ୍ତି। ପୂର୍ବରୁ ଲେଫ୍ରିପଡା ସାପ୍ତାହିକ ହାଟଟି ଲେଫ୍ରିପଡା ଗ୍ରାମର ମୁଖ୍ୟରାସ୍ତା କଡରେ ବସୁଥିଲା। ବର୍ତ୍ତମାନ କିଛି ମାସ ପୂର୍ବରୁ ହାଟଟି ପ୍ରଶାସନର ନିର୍ଦ୍ଦେଶକ୍ରମେ ସ୍ଥାନାନ୍ତରିତ ହୋଇ ବ୍ଲକ ସମ୍ମୁଖର ଫଲସାଢ଼ିପାଠାରେ ବସୁଛି। ପ୍ରଚଣ୍ଡ ଖରାରେ ଅଞ୍ଚଳର ଜନସାଧାରଣ ସାପ୍ତାହିକ ହାଟରେ ସିଝୁଥିବା ଦେଖାଦେଇଛି। ପ୍ରଶାସନ ପକ୍ଷରୁ ହାଟ ପାଇଁ ଯଥେଷ୍ଟ ସୁବିଧା ଯୋଗାଇ ଦିଆ ନ ଥିବାରୁ ବର୍ତ୍ତମାନ ୪୪ ଡିଗ୍ରୀରୁ ଉର୍ଦ୍ଧ୍ୱ ରୌଦ୍ରତାପରେ ଏକ ପଲିଥିନ ତଳେ ବେପାର କରିବା କଷ୍ଟକର ହୋଇପଡିଛି। ପୂର୍ବରୁ ବସୁଥିବା ହାଟ ସ୍ଥାନରେ ବହୁତ ବଡବଡ ଗଛ ରହିଥିବା ବେଳେ ରୌଦ୍ରତାପକୁ ନିୟନ୍ତ୍ରିତ କରିବାରେ ସହାୟକ ହେଉଥିବା ନେଇ ବ୍ୟବସାୟୀ ତଥା ଅଞ୍ଚଳର ଜନସାଧାରଣ ପ୍ରକାଶ କରିଛନ୍ତି। ନୂଆ ସ୍ଥାନରେ ବୃକ୍ଷ ନ ଥିବା ସହିତ ଆବଶ୍ୟକ ଭାବେ ବେପାରୀଙ୍କ ପାଇଁ ପିଣ୍ଡି ନାହିଁ। ଛାଉଣୀର କୌଣସି ବ୍ୟବସ୍ଥା ନ ଥିବାରୁ ବ୍ୟବସାୟୀ ହନ୍ତସନ୍ତ ହେଉଥିବା ଦେଖାଦେଇଛି। ଅପରପକ୍ଷରେ ପିଇବା ପାଣି ବ୍ୟବସ୍ଥା ବିଶେଷ ସୁବିଧା ନ ଥିବା ବେଳେ ଆଗାମୀ ଦିନରେ ହାଟରେ ପ୍ରବଳ ମାତ୍ରାରେ ଅଂଶୁଘାତରେ ପୀଡିତ ହେବାକୁ ଏଡାଇ ଦିଆଯାଇ ନ ପାରେ। ଏହି ଦିଗରେ ସ୍ଥାନୀୟ ପ୍ରଶାସନର ବିଭିନ୍ନ ଅଧିକାରୀଙ୍କୁ ପଚାରିବାରୁ କୌଣସି ଉତ୍ତର ନ ଦେଇ ଚୁପ୍ ହୋଇ ରହିଥିଲେ। ଏଣୁ ଏହି ସାପ୍ତାହିକ ହାଟରେ ଛାଇ ବ୍ୟବସ୍ଥା ପାଇଁ ପଦକ୍ଷେପ ନେବା ଦିଗରେ ଜିଲା ପ୍ରଶାସନକୁ ଅଞ୍ଚଳର ଜନସାଧାରଣ ନିବେଦନ କରିଛନ୍ତି।



ଲେଫ୍ରିପଡା ସାପ୍ତାହିକ ହାଟ।

## ଟ୍ରକ-ବସ ମୁହାଁମୁହିଁ ଧକ୍କା: ଟ୍ରକ୍ ଚାଳକ ଗୁରୁତର

**ବେଦବ୍ୟାସ, ୧୧।୫ (ଡି.ଏନ.ଏ)**

ରାଉରକେଲା ନିକଟସ୍ଥ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଟିସିଆଇଛକ ଓଭର ବ୍ରିଜ ନିକଟରେ ଶନିବାର ଭୋର ସାଢ଼େ ୩ଟାରେ ଟ୍ରକ ଓ ବସ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଟ୍ରକ ଚାଳକ ଗୁରୁତର ହୋଇ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପୋଲିସ ସୂଚନାନୁଯାୟୀ ଟିସିଆଇ ଛକରେ ଏକ ଟ୍ରକ (ନଂ. ଓଡି ୧୬ ସି- ୦୮୬୭) ଯାନ୍ତ୍ରୀକ ତ୍ରୁଟି ଯୋଗୁ ରାସ୍ତା କଡରେ ଠିଆ ହୋଇଥିଲା। ରାଉରକେଲାରୁ ଗୟା ଅଭିମୁଖେ ଯାଉଥିବା ବିଆର ୦୨ ଡବ୍ଲୁ ୭୪୭୫ ନଂ. ଗୁପ୍ତା ନାମକ ଯାତ୍ରୀବାହୀ ବସ ଠିଆ ହୋଇଥିବା ଟ୍ରକକୁ କାଟି ଯାଉଥିବାବେଳେ ଠିକ ସେହି ସମୟରେ ବେଦବ୍ୟାସ ପାର୍ଶ୍ୱରୁ ରାଉରକେଲା ଆଡକୁ ଯାଉଥିବା ଟ୍ରକ (ନଂ. ଓଡି ୧୭ ଇ-୫୫୯୦) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଟ୍ରକ ଚାଳକ ଗାଡିରେ ଚାପି ହୋଇ ରହିଥିଲେ। ବିଶେଷ ସୂତ୍ରରୁ ଖବର ପାଇ ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ଜେନା, ମହିଳା ଏସଆଇ ମମତା ସିଂ, ଏଏସଆଇ ମହାକୁଡ ବାବୁ ପ୍ରମୁଖ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଗ୍ୟାସ କଟର ବ୍ୟବହାର କରି ଟ୍ରକ ଚାଳକଙ୍କୁ ଉଦ୍ଧାର କରିଥିଲେ। ଟ୍ରକ ଚାଳକଙ୍କ ନାମ ଜଣାପଡିନାହିଁ। ପୋଲିସ ୩ ଗାଡିକୁ ଜବତ କରିଛି। ବସ ଓ ଠିଆ ହୋଇଥିବା ଟ୍ରକ ଚାଳକ ଘଟଣାସ୍ଥଳରୁ ଫେରାର ଅଛନ୍ତି। ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ ହୋଇଛି।

ସୂଚନା ଥାଉକି, ରାସ୍ତାର ଦୁଇ ପାର୍ଶ୍ୱରେ ବେଆଇନ ପାର୍କିଂ ଯୋଗୁ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଛୋଟବଡ ଦୁର୍ଘଟଣା ଘଟି ଧନଜୀବନ ଅନାୟସରେ ହାରୁଥିବା ସାଧାରଣରେ ଅଭିଯୋଗ ହେଉଛି।





ଦୁର୍ଘଟଣାଗ୍ରସ୍ତ ବସ୍ ଓ ଟ୍ରକ୍।